# ଚାଷୀମାରଣ ନୀତି ବିରୋଧରେ ଆନ୍ଦୋଳନ ଡାକରା

ବ୍ରହ୍ମପୁର,୨୧।୧(ସ୍ମୃତି ରଞ୍ଜନ ମହାଲିକ)

ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନର ବୈଠକ ବୁଧବାର ନବୀନ ଭବନ ପରିସରରେ ଆବାହକ ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମର ବିଭିନ୍ନ ଚାଷୀ ସଂଗଠନର ସଦସ୍ୟ ଯୋଗ ଦେଇ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ଆନ୍ଦୋଳନ କରିବାକୁ ଡାକରା ଦେଇଛନ୍ତି । ଜିଲାର ଧାନ ମୁଖ୍ୟ ଫସଲ। ଧାନ ବିକିଲେ ଚାଷୀମାନେ ଚଳିବେ। ଜିଲାରେ ୫ ଲକ୍ଷ ୨୦ ହଜାର ଚାଷୀ ଧାନ ଚାଷ କରୁଥିବା ବେଳେ ପ୍ରାୟ ୨.୫ ଲକ୍ଷ ଭାଗ ଚାଷୀ ଧାନ ଚାଷ କରିଥାନ୍ତି । ପ୍ରତିବର୍ଷ ମାତ୍ର ୪୦% ଚାଷୀଙ୍କ ଧାନ କିଣାଯାଇଥାଏ। ଭାଗ ଚାଷୀ , ଛୋଟ ଚାଷୀ ଓ ନାମ ମାତ୍ର ଚାଷୀମାନେ ପଞ୍ଜିକରଣର ସମସ୍ୟା ଥିବାରୁ ସେମାନେ ଧାନ ବିକି ପାରୁନାହାନ୍ତି, ଦଲାଲଙ୍କୁ ବିକି କ୍ଷତି ସହୁଛନ୍ତି। କୃଷି ବିଭାଗ ତଥ୍ୟ ଅନୁଯାୟୀ ଏକର ପିଛା ୨୫ରୁ ୩୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ଅମଳ ହେଉଥିବା ବେଳେ ସରକାର ଅଣ ଜଳସେଚିତ ଜମି ପାଇଁ ୧୩ କୁଇଣ୍ଟାଲ ଏବଂ ଜଳସେଚିତ ଜମି ପାଇଁ ୧୯ କୁଇଣ୍ଟାଲ ଧାନ ବିକିବା ପାଇଁ ଧାର୍ଯ୍ୟ କରିଛନ୍ତି । ଫଳରେ ଚାଷୀଙ୍କ ଆଦାୟ ଧାନ ମଧ୍ୟ ବଳକା ରହୁଛି । କେନ୍ଦ୍ର ସରକାର ଚଳିତ ବର୍ଷ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩୬୯ ଟଙ୍କା କରିଥିବା ବେଳେ ରାଜ୍ୟ ସରକାରଙ୍କ ବୋନସ ମିଶାଇ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ଘୋଷଣା କରିଛନ୍ତି । ଆନ୍ଧ୍ରପ୍ରଦେଶ ଓ ଛତିଶଗଡ ଏମ.ଏସ.ପି ଦର ଠାରୁ କମ ଦରରେ କୌଣସି ଚାଷୀ ଧାନ ବିକନ୍ତି ନାହିଁ । ଆନ୍ଧ୍ରପ୍ରଦେଶରେ ମଣ୍ଡିରେ ଅକସନ ଜରିଆରେ ଧାନ କିଣାଯାଉଥିବାରୁ ଚାଷୀ ଭଲ ଧାନ ଏମ.ଏସ.ପି. ଠାରୁ ଅଧିକ ଦରରେ ବିକୁଛନ୍ତି । ଓଡ଼ିଶା ସରକାର ତାଙ୍କ ଠାରୁ ଧାନ କିଣିବା ପଦ୍ଧତିରେ ଜାଣିବା ଦରକାର। ଗୋଟିଏ କୁଇଣ୍ଟାଲ ଧାନରେ ଅତି କମରେ ୧୦ କେ.ଜି. ପର୍ଯ୍ୟନ୍ତ ଅଗାଡି ଥିଲେ ସୁଦ୍ଧା ତାହା ଏଫ.ଏ. କ୍ୟୁ ମାନର। ମାତ୍ର ଏଫ.ଏ.କ୍ୟୁ ମାନ ନାରେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୫ରୁ ୬ କେ.ଜି. ପର୍ଯ୍ୟନ୍ତ ଧାନ ମଣ୍ଡିରେ ଅଧିକା ନେଇ ଚାଷୀଙ୍କୁ ଠକୁଛନ୍ତି । ଏହି ଦୁର୍ନୀତିରେ ଅସାଧୁ ମିଲ ମାଲିକ ଓ ଦୁର୍ନୀତିଗ୍ରସ୍ତ ଯୋଗାଣ, ସମବାୟ ମିଶନ ଶକ୍ତି ଅଧିକାରୀଥିବାରୁ ଚାଷୀ କ୍ଷତି ସହୁଛନ୍ତି । ମାର୍କେଟିଙ୍ଗ ଇନସ୍ପେକ୍ଟର ଓ ଯୋଗାଣ ବିଭାଗ ମାନେ ଗୋଟିଏ ଲଟ ଚାଉଳ ଇସି ଦେବାପାଇଁ ୮ ହଜାର ଟଙ୍କା କମିଶନ ନେଉଥାନ୍ତି। ବ୍ଲକର ବିପିସି ମାନେ ମହିଳା ଗ୍ରୁପ ଠାରୁ ଲକ୍ଷ ଲକ୍ଷ ଟଙ୍କା କମିଶନ ନିଅନ୍ତି। ମିଲରମାନେ ଅଧିକାରୀଙ୍କୁ କମିଶନ ଦେଉଥିବାରୁ ଚାଷୀଙ୍କୁ ଅଧିକା ଧାନ ଠକି ନେଉଛନ୍ତି । ସରକାର ଝିଣ୍ଟିକା ମାରି ବଣି ପୋଷୁଛନ୍ତି । ଚାଷୀଙ୍କ ଅଖା ଟଙ୍କା ଓ ଗାଡି ଭଡା ଟଙ୍କା ନ ଦେଇ ଠକୁଛନ୍ତି ବୋଲି ସଂଘ ଅଭିଯୋଗ କରିଛି। ଚଳିତ ବର୍ଷ ୪୦ ହଜାର ଚାଷୀଙ୍କ ଟୋକେନ ଏବେ ସୁଦ୍ଧା ଆସି ନାହିଁ । ଅଧିକା ଜମି ଥିବା ଚାଷୀଙ୍କ କମ ପରିମାଣ ଧାନ ବିକିବା ପାଇଁ ଆସିଥିବାରୁ ଚାଷୀମାନେ ତାଙ୍କ ବଳକା ଧାନ କେମିତି ବିକିବେ ସେଥିପାଇଁ ଚିନ୍ତାରେ ଅଛନ୍ତି । ଏବେ ସୁଦ୍ଧା ପ୍ରାୟ ୯୦ ଭାଗ ଚାଷୀଙ୍କ ଧାନ ଅମଳ ହୋଇଥିଲେ ସୁଦ୍ଧା ମିଲରମାନେ ଠିକ ସମୟରେ ଧାନ ଉଠାଉନଥିବାରୁ ମଣ୍ଡିରେ ଧାନ ପଡି ରହିଛି। ଚାଷୀମାନେ ହଇରାଣ ହେଉଛନ୍ତି। ଜିଲା ପ୍ରଶାସନ ସବୁ ଜାଣି ନୀରବ ରହୁଛି। ଧାନ କିଣାରେ ହେଉଥିବା ଦୁର୍ନୀତିର ତଦନ୍ତ କରିବା ପାଇଁ ମା' ରତନେଇ କୃଷକ ସଂଘର ନାରାୟଣ ପ୍ରଧାନ, ବଳଦେବ କୃଷକ ସଂଘର ବାଉରିବନ୍ଧୁ ସ୍ୱାଇଁ, ବାହୁଦା କୃଷକ ସଂଘର ହୃଷୀକେଶ ନାୟକ, ସର୍ବେଶର କୃଷକ ସଂଘର ରମେଶ ଗୌଡ ଏବଂ ଋଷିକୂଲ୍ୟା ରୟତ ମହାସଭାର ସୀମାଞ୍ଚଳ ନାହାକ ଦାବି କରିଛନ୍ତି। ନଚେତ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ସଂଗଠନ ଚେତାବନୀ ଦେଇଛି।

## ପଦ୍ମ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧା ବିଗ୍ରହ



ଛତ୍ରପୁର,୨୧।୧(ଦିଲ୍ଲୀପ ସାମଲ)

ଛତ୍ରପୁର ତାଡ଼େପଲ୍ଲୀ ସାହି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଚତୁର୍ଦ୍ଧା ବିଗ୍ରହ ବୁଧବାର ଦୁର୍ଲଭ ପଦ୍ମ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ମନ୍ଦିର ସେବାୟତ ମାନେ ମହାପ୍ରଭୁଙ୍କ ଆପଦମସ୍ତକକୁ ପଦ୍ମ ବେଶରେ ସୁସଜ୍ଜିତ କରିଥିଲେ। ବୁଧବାର ସକାଳେ ମଙ୍ଗଳ ଆଳତି, ଭୋଗରାଗ ସମେତ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁ ମାନେ ମହାପ୍ରଭୁଙ୍କ ପଦ୍ମବେଶ ଦର୍ଶନ କରିଥିଲେ।

## ବିଶିଷ୍ଟ ସାହିତ୍ୟିକଙ୍କ ପରଲୋକ

ବ୍ରହ୍ମପୁର,୨୧।୧(ସ୍ମୃତି ରଞ୍ଜନ ମହାଲିକ)

ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସମାଲୋଚକ ଡ. ସୂର୍ଯ୍ୟ ନାରାୟଣ ଦାଶଙ୍କ ବ୍ରହ୍ମପୁର ବାସଭବନରେ ବୁଧବାର ୮୫ ବର୍ଷ ବୟସରେ ପରଲୋକ ଘଟିଛି। ସେ ଅବସରପ୍ରାପ୍ତ ଅର୍ଥ ବିଭାଗର ଉଚ୍ଚ ପଦାଧିକାରୀ ଥିଲେ। ତାଙ୍କର ଓଡ଼ିଆ ସାହିତ୍ୟକୁ ଯଥେଷ୍ଟ ଅବଦାନ ଥିଲା। ସମାଲୋଚନା ପ୍ରବନ୍ଧ, ଜୀବନ, ଆଧ୍ୟାତ୍ମିକ ପୁସ୍ତକର ରଚୟିତା। ୧୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି। ଡ. ଦାଶଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। ଆଇନଜୀବୀ ଅନୀଲ କୁମାର ଦାଶ ଓ ଶୁଭାଶିଷ ଦାଶ ଦୁଇ ପୁତ୍ର ଓ ପୁତ୍ରବଧୂ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରୁ ବନ୍ୟପ୍ରାଣୀଙ୍କୁ ସୁରକ୍ଷା କରିବ ଟିପିଏସ୍‌ଓଡିଏଲ୍



ବନବିଭାଗ ଓ ଟିପିଏସଓଡିଏଲ ପକ୍ଷରୁ ପାଟ୍ରୋଲିଂ କରାଯାଉଛି।

ବ୍ରହ୍ମପୁର,୨୧।୧(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସଓଡିଏଲ ପକ୍ଷରୁ ବିଦ୍ୟୁତ ଆଘାତରୁ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ଜଙ୍ଗଲ ସଂଲଗ୍ନ ଅଞ୍ଚଳରେ ମୁକୁଳା କଣ୍ଡକ୍ଟରଗୁଡ଼ିକୁ ଇନସୁଲେଟେଡ କରାଯାଇଛି। ଫଳରେ ବନ୍ୟପ୍ରାଣୀମାନେ ବିଦ୍ୟୁତ ତାର ସଂସ୍ପର୍ଶରେ ନ ଆସି ସୁରକ୍ଷିତ ହୋଇପାରିବ। ସାଧାରଣତଃ ଜଙ୍ଗଲ ସଂଲଗ୍ନ ଅଞ୍ଚଳରେ ଫସଲ ସୁରକ୍ଷା ନିମିତ୍ତ ବିଜୁଳି ତାର ବିଛା ଯାଇଥାଏ। ଏହା ବନ୍ୟପ୍ରାଣୀଙ୍କ ପାଇଁ ବିପଦ ସୃଷ୍ଟି କରେ । ଏଥିରେ ରୋକ ଲଗାଇବାକୁ ଟିପିଏସଓଡିଏଲ ତରଫରୁ ବନ ବିଭାଗ ସହ ମିଳିତ ଭାବରେ ପାଟ୍ରୋଲିଂ କରାଯାଉଛି। ଏନେଇ ଲୋକଙ୍କୁ ସଚେତନ କରାଯାଉଛି। ଜିଲାର ଉତ୍ତର ଘୁମୁସର ବନଖଣ୍ଡ, ଭଞ୍ଜନଗର ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡ ସହ ଟିପିଏସଓଡିଏଲ ପ୍ରତି ମାସରେ ଆୟୋଜିତ ମାସିକ ସମୀକ୍ଷା ବୈଠକ କରୁଛି। ଏହା ଦ୍ୱାରା ଜଗନ୍ନାଥ ପ୍ରସାଦ, ଟିଲିସିଙ୍ଗି, ସୋରଡ଼ା, କଣ୍ଟେଇପାଲ୍ଲୀ, କ୍ଷେତ୍ରୀୟବରପୁର, ବେଲଗୁଣ୍ଠା ଓ ବଡ଼ଗଡ଼ ଅଞ୍ଚଳର ଜନସାଧାରଣ ଉପକୃତ ହୋଇଛନ୍ତି । ଆସିକା, ହିଞ୍ଜିଳିକାଟୁ ଏବଂ ଶେରଗଡ଼ ବ୍ଲକ ସହ କନ୍ଧମାଳ ଜିଲାର ଚକାପାଦ ବ୍ଲକ, କୋରାପୁଟ ଓ ରାୟଗଡ଼ା ଜିଲାର ଜଙ୍ଗଲ ସଂଲଗ୍ନ ଅଞ୍ଚଳ ଏବଂ ଶସ୍ୟକ୍ଷେତ୍ରଗୁଡ଼ିକରେ ବନ ବିଭାଗ ସହ ଟିପିଏସଓଡିଏଲର ମିଳିତ ଭାବେ ପାଟ୍ରୋଲିଂ ଜାରି ରହିଛି। ଏନେଇ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ବନ୍ୟପ୍ରାଣୀ ସୁରକ୍ଷା ଓ ପରିବେଶ ପ୍ରତି ଗୁରୁତ୍ୱ ଦିଆଯାଇ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ଚଞ୍ଚକତା କରି ଯୁବକଙ୍କ ୧୦ ଲକ୍ଷ ନେଇଗଲେ

ବ୍ରହ୍ମପୁର, ୨୧।୧(ସୁବାସ ଚନ୍ଦ୍ର ପାଢ଼ୀ)

ଜିଲାରେ ସାଇବର ଗ୍ୟାଙ୍ଗ ସକ୍ରିୟ ଅଛନ୍ତି। ଗ୍ୟାଙ୍ଗ ଚିକିଟି ଅଞ୍ଚଳର ଜଣେ ୩୩ ବର୍ଷିୟ ଯୁବକଙ୍କୁ ଚଞ୍ଚକତା କରି ୧୦ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ଯୁବକ ଜଣଙ୍କ ଏନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗକାରୀଙ୍କ ନିକଟକୁ ପ୍ରଥମେ ଏକ ଟେଲିଗ୍ରାମ ମେସେଜ ଆସିଥିଲା। ପାର୍ଟ ଟାଇମ ଜବ ପାଇଁ ଆଶାୟୀ ଥିଲେ ଯୋଗାଯୋଗ କରିବାକୁ ଉଲ୍ଲେଖ ଥିଲା। ସେ ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ। ଗତ ଡିସେମ୍ବର ପହିଲାରେ ସେ ଟେଲିଗ୍ରାମରେ ଜବ ଟାସ୍କ ନେଇଥିଲେ। ଏପରିକି ପ୍ରଥମେ ୧୦ ହଜାର ଡିପୋଜିଟ କରି ୧୨ ହଜାର ଟଙ୍କା ପାଇଥିଲେ। ଏହାପରେ ୨୦ ହଜାର ଟଙ୍କା ଡିପୋଜିଟ କରି ୨୫ ହଜାର ଟଙ୍କା ଫେରି ପାଇଥିଲେ। ଏହିପରି ୭ ହଜାର ଟଙ୍କା ୪ ଦିନରେ ଲାଭ ପାଇଥିଲେ। ଏହାପରେ ସେ ପର୍ଯ୍ୟାୟକ୍ରମେ ସେଥିରେ ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ୧୫ ଦିନ ବିତିବା ପରେ ସେ ଟଙ୍କାଏ ବି ଫେରି ପାଇଲେ ନାହିଁ। ଏହାପରେ ସେ ଟାସ୍କ ମିଳୁଥିବା ନମ୍ବରରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ କୌଣସି ଉତ୍ତର ମିଳି ନଥିଲା । ଫଳରେ ଠକେଇର ଶିକାର ହୋଇଥିବା ସନ୍ଦେହ କରି ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପିଲିସ ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରୁଛି।

## ପଲ୍‌ମୁନାରି ଚିକିତ୍ସାରେ ଉନ୍ନତି, କ୍ଲିନିକାଲ ଅଭ୍ୟାସର ପ୍ଲାଟଫର୍ମ

## ଚେଷ୍ଟକନରେ ୨୦୦ ପ୍ରଫେସର ଯୋଗଦେବେ



କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର।

ବ୍ରହ୍ମପୁର, ୨୧।୧(ସୁବାସ ଚନ୍ଦ୍ର ପାଢ଼ୀ)

ଏମ.କେ.ସି.ଜି. ମେଡିକାଲ କଲେଜ ଏବଂ ହସ୍ପିଟାଲ, ଶ୍ୱାସକ୍ରିୟା ଓ ଔଷଧ ବିଭାଗର ଚେଷ୍ଟକନ କମିଟି ଦ୍ୱାରା ଆୟୋଜିତ ହେବ ଚଳିତ ବର୍ଷର ଚେଷ୍ଟକନ ୨୦୨୬। ରାଜ୍ୟସ୍ତରୀୟ ଏହି ବୈଜ୍ଞାନିକ ସମ୍ମିଳନୀ,ଶ୍ୱାସକ୍ରିୟା ଚିକିତ୍ସା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ। ସାରା ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୨୦୦ ଗବେଷକ, ଶିକ୍ଷାବିତ ଏବଂ ସ୍ନାତକୋତ୍ତର ବିଦ୍ୱାନ ଯୋଗଦେବେ ବୋଲି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷତା କରି ଏମକେସିଜି ମେଡିକାଲର ଶ୍ୱାସକ୍ରିୟା ବିଭାଗର ସହକାରୀ ପ୍ରଫେସର ଡା.ପ୍ରିୟଜିତ ଜେନା ସୂଚନା ଦେଇଛନ୍ତି। ଆସନ୍ତା ୨୪ ଓ ୨୫ରେ ଗୋପାଳପୁରର ଏକ ଘରୋଇ ହୋଟେଲରେ ସମ୍ମିଳନୀ ହେବ। ଚେଷ୍ଟକନ ୨୦୨୬ ପଲ୍ମୋନାରୀ ଚିକିତ୍ସାରେ ସର୍ବଶେଷ ବୈଜ୍ଞାନିକ ଉନ୍ନତି ଏବଂ କ୍ଲିନିକାଲ ଅଭ୍ୟାସଗୁଡ଼ିକୁ ପରୀକ୍ଷା ଏବଂ ବିନିମୟ କରିବା ପାଇଁ ଏହି ପ୍ଲାଟଫର୍ମ କାର୍ଯ୍ୟ କରିବ। ଏହି ସମ୍ମିଳନୀ ଓଡ଼ିଶାରେ ଶ୍ୱାସତନ୍ତ୍ର ସ୍ୱାସ୍ଥ୍ୟ ସେବା ଓ ଗବେଷଣାକୁ ନୂଆ ଦିଗ ଦେବ। ଆଲର୍ଜି ଓ ଇମ୍ୟୁନୋଥେରାପିରେ ଦକ୍ଷତା ବୃଦ୍ଧି ପାଇଁ ଏକ କର୍ମଶାଳା ହେବ। ଏହା ପଲ୍ମୋନାରୀ ଡାକ୍ତରଙ୍କୁ ସହଯୋଗ କରିବ। ଉକ୍ତ ସମ୍ମିଳନୀରେ ଚେଷ୍ଟକନ କମିଟିର ଚେୟାରମେନ ତଥା ଆସିଷ୍ଟାଣ୍ଟ ପ୍ରଫେସର ଡା. ପ୍ରିୟଙ୍କା ଦାସ,ଆସିଷ୍ଟାଣ୍ଟ ପ୍ରଫେସର ତଥା ଚେଷ୍ଟକନ କମିଟିର ସମ୍ପାଦକ ଡା. ଜେନା, ଆସିଷ୍ଟାଣ୍ଟ ପ୍ରଫେସର ଡା. ପରେଶ ଚନ୍ଦ୍ର ମହାନ୍ତ,କମିଟିର ସମ୍ପାଦକ ଡା, ସ୍ୱତପଦ୍ମା ଏବଂ ଡା.ସରୋଜ କୁମାର ମିଶ୍ର, କମିଟିର ମୁଖ୍ୟ ପରାମର୍ଶଦାତା ତଥା ପ୍ରଫେସର ନାରାୟଣ ମିଶ୍ର ଏବଂ ପ୍ରଫେସର ହେମନ୍ତ କୁମାର ସେଠି ପ୍ରମୁଖ ଉପସ୍ଥିତ ରହିଥିଲେ।

## ଚାକିରି ନାଁରେ ମହିଳାଙ୍କଠାରୁ ୩ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୨୧।୧(ସୁବାସ ଚନ୍ଦ୍ର ପାଢ଼ୀ)

ଦିସରକାରୀ ଚାକିରି ନାଁରେ ବ୍ରହ୍ମପୁରର ଜଣେ ମହିଳାଙ୍କ ଠାରୁ ୩ ଲକ୍ଷ ଟଙ୍କା ଠକେଇ ହୋଇଛି। ଏହି ଠକେଇର ମାଷ୍ଟରମାଇଣ୍ଡଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ବାନ୍ଧିଛି । ସେ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ରାମନଗର ୫ମ ଲାଇନର ରମେଶଚନ୍ଦ୍ର ପ୍ରଧାନ(୪୦)। ନଂ.୩୨/୨୬ରେ ପୋଲିସ ଏକ ମାମଲା ରୁଜୁ କରିଛି। ଏହି ଠକେଇ ଜାଲରେ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର ଅନେକ ଯୁବତୀ ଯୁବକ ଫସିଛନ୍ତି । ଖୋଡାସିଂ ବାଞ୍ଛାନିଧି ନିଗର ୩ୟ ଲାଇନର ଜଣେ ୩୦ ବର୍ଷୀୟ ମହିଳା ଆଜକୁ ବର୍ଷେ ତଳେ ସରକାରୀ ଚାକିରି ସନ୍ଧାନରେ ଥିଲେ । ସରକାରଙ୍କ ପକ୍ଷରୁ ପ୍ରକାଶିତ ଅଙ୍ଗନୱାଡି ସୁପରଭାଇଜର ସହ ଅନ୍ୟ ପଦବୀରେ ଚାକିରି କରିବାକୁ ସେ ଆଶୟୀଥିଲେ। ଏହି ସମୟରେ ଅଭିଯୁକ୍ତ ରମେଶଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ଅଭିଯୁକ୍ତ ରମେଶ ଓ ତାଙ୍କର ଅନ୍ୟ ୩ ସହଯୋଗୀ ସରକାରୀ ଚାକିରି କରାଇଦେବାକୁ କହି ଉକ୍ତ ମହିଳାଙ୍କ ଠାରୁ ୩ ଲକ୍ଷ ଟଙ୍କା ନେଇଥିଲେ । ସେମାନେ ନଗଦ ଦେଢ ଲକ୍ଷ ଟଙ୍କା ନେଇଥିବା ବେଳେ ଫୋନ ପେ'ରେ ଆଉ ଦେଢ ଲକ୍ଷ ଟଙ୍କା ନେଇଥିଲେ। ବହୁ ଦିନ ପରେ ଚାକିରି ନ ମିଳିବାରୁ ମହିଳା ଜଣଙ୍କ ଟଙ୍କା ଫେରସ୍ତ ପାଇଁ କହିଥିଲେ। ଟଙ୍କା ବଦଳରେ ତାଙ୍କୁ ଧମକ ମିଳିଥିବାରୁ ମହିଳା ଜଣଙ୍କ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ। ରମେଶ ଓ ଭୁବନେଶ୍ୱରର ଜଣେ ମହିଳା ଏବଂ ବ୍ରହ୍ମପୁର ଗେଟବଜାର ଓ ବଡକୁଶସ୍ଥଳୀ ଅଞ୍ଚଳର ଅନ୍ୟ ୨ଜଣ ବ୍ୟକ୍ତି ମିଶି ଏହି ଚାକିରି ର୍ୟାକେଟ ଚଳାଇଥିବା ଅଭିଯୋଗକାରୀ ପୋଲିସକୁ ସୂଚନା ଦେଇଛନ୍ତି ।

## ପିକଅପ୍ ଧକ୍କାରେ ଦୋକାନ ସହ ୨ ବାଇକ୍ ଚୂରମାର

ଦିଗପହଣ୍ଡି,୨୧।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି–ଚିକିଟି ମୁଖ୍ୟରାସ୍ତାର ଦେଓଖାଲି ଛକରେ ବୁଧବାର ସକାଳେ ଦ୍ରୁତଗାମୀ ପିକଅପ୍ ଭ୍ୟାନ (ନଂ. ଓଡ଼ି୦୨ ବିଏମ – ୬୮୪୦) ଧକ୍କାରେ ଏକ ଚାହା ଦୋକାନ ସହ ୨ ବାଇକ ଚୁରମାର୍ ହୋଇଯାଇଛି। ଏହି ଦୁର୍ଘଟଣାରେ ଚାହା ଦୋକାନୀ ଗୁରୁତର ଆହାତ ହୋଇଛନ୍ତି। ସେ ହେଲେ ଦେଓଖାଲି ଗ୍ରାମ ମଠ ସାହିର କୋରା ବେହେରା(୫୩)। ପ୍ରତିଦିନ ଭଳି ବୁଧବାର ସକାଳେ ଦୋକାନ ଖୋଲିଥିଲେ। ଉପସ୍ଥିତ ଥିବା ଗ୍ରାହକ ମାନଙ୍କ ପାଇଁ ଚୁଲିରେ ଚାହା ବସାଇ ଠାକୁର ପୂଜା କରୁଥିଲେ। ଏହି ସମୟରେ ଚିକିଟିରୁ ଦିଗପହଣ୍ଡି ଅଭିମୁଖେ ଆସୁଥିବା ପିକଅପ୍‌ଟି ରାସ୍ତାକଡ଼ରେ ଥିବା ଦୋକାନ ଆଡ଼କୁ ମୁହାଁଇବା ଦେଖି ଚାହା ପିଇବାକୁ ଅପେକ୍ଷା କରିଥିବା ଲୋକେ ଦୌଡ଼ିଥିଲେ। ପିକଅପ୍‌ଟି ଦୋକନକୁ ଧକ୍କା ଦେବା ସହ ସେଠାରେ ଥିବା ୨ ବାଇକକୁ କିଛି ଦୂର ଘୋଷାଡି ନେଇ ଅଟକି ଯାଇଥିଲା। ଆଖପାଖରେ ଥିବା ଲୋକେ କୋରାଙ୍କୁ ଉଦ୍ଧାର କରି ନିକଟସ୍ଥ ବମକୋଇ ଗ୍ରାମ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ କୋରାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ତାଙ୍କ ମୁଣ୍ଡ ଓ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିବା ଯୋଗୁ ସଙ୍କଟାପନ୍ନ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏହି ଭୟଙ୍କର ଦୁର୍ଘଟଣାରେ ବହୁ ଲୋକଙ୍କ ଜୀବନ ବର୍ତ୍ତି ଯାଇଛି ବୋଲି କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପିକଅପ୍ ଚାଳକଙ୍କୁ ଲୋକେ ଅଟକ ରଖି ପୋଲିସର ଜିମା ଦେଇଥିଲେ। କ୍ଷତିଗ୍ରସ୍ତ ବାଇକର ମାଲିକ ପୁରୁଷୋତ୍ତମ ମୁଳି ଏନେଇ କେ.ନୂଆଗାଁ ଥାନାରେ ଏତଲା ଦେବା ପରେ ମାମଲା ନଂ.୨୫/୨୬ ଅନୁଯାୟୀ ମକଦ୍ଦମା ରୁ ଜୁ କରାଯାଇଛି।



ଦୁର୍ଘଟଣା ଘଟାଇଥିବା ପିକଅପ୍

## ଘରୁ ୨ ଲକ୍ଷ ଟଙ୍କା ଚୋରି

ବ୍ରହ୍ମପୁର, ୨୧।୧(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀ ନଗର ୧୦ମ ଲାଇନର ଜନାର୍ଦ୍ଦନ ପଣ୍ଡାଙ୍କ ଘରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଜନାର୍ଦ୍ଦନ ଗତ ରବିବାର ନିଜ ସମ୍ପର୍କୀୟଙ୍କ ଘର ଗଞ୍ଜାମକୁ ପରିବାର ସହିତ ଯାଇଥିଲେ । ରବିବାର ରାତିରେ ଘର ବନ୍ଦ ଥିଲା। ଅଜଣା ବ୍ୟକ୍ତି ତାଲା କାଟି ଘରେ ପଶିଥିଲେ। ଘରେ ଥିବା ୨ ଲକ୍ଷ ଟଙ୍କା, ମୋବାଇଲ ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ।

## ପଥପ୍ରାନ୍ତ ନାଟକରେ ପ୍ଲାଷ୍ଟିକ ବର୍ଜନ ସଚେତନତା



ଏନ୍‌ସିସି କ୍ୟାଡେଟମାନେ ପଥପ୍ରାନ୍ତ ନାଟକ କରୁଛନ୍ତି।

ବ୍ରହ୍ମପୁର,୨୧।୧(ସୁବାସ ଚନ୍ଦ୍ର ପାଢ଼ୀ)

ବିନାୟକ ଆଚାର୍ଯ୍ୟ କଲେଜ ଏନ୍‌ସିସି ତରଫରୁ ସହର ଉପକଣ୍ଠ ହରିଡ଼ାଖଣ୍ଡି ମଠ ସମ୍ମୁଖରେ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା । କଲେଜ ଅଧ୍ୟକ୍ଷା ପ୍ରମିଳା ଖାଡ଼ଙ୍ଗାଙ୍କ ମାର୍ଗଦର୍ଶନ କ୍ରମେ ଏନ.ସି.ସି. ଅଧିକାରୀ ଡ.ଅନୀତା ପତି ନିର୍ଦ୍ଦେଶନା ଦେବା ସହ ଉକ୍ତ ପଥପ୍ରାନ୍ତ ନାଟକର ସଂଚାଳନା କରିଥିଲେ । ଏନସିସି କ୍ୟାଡେଟମାନେ ଏଥିରେ ଅଭିନୟ କରିଥିଲେ। ଗ୍ରାମାଞ୍ଚଳରୁ ଆରମ୍ଭ କରି ନଗରାଞ୍ଚଳ ପର୍ଯ୍ୟନ୍ତ ଥରେ ମାତ୍ର ବ୍ୟବହାର ହୋଇ ପାରୁଥିବା ପ୍ଲାଷ୍ଟିକ ଆମ ପରିବେଶକୁ ଧ୍ୱସ୍ତବିଧ୍ୱସ୍ତ କରିଦେଲାଣି । ସ୍ୱାସ୍ଥ୍ୟକର ପରିବେଶ ନିମନ୍ତେ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ସାମଗ୍ରୀ ସଂପୂର୍ଣ୍ଣ ବର୍ଜନ କରିବାକୁ ଲୋକଙ୍କୁ ବୁଝାଇଥିଲେ। ଆଗକୁ ଏଭଳି ଜନ ସଚେତନତାମୂଳକ ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ଡ. ପତି କହିଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୁରୁଷ,ମହିଳା ଭାରୋତ୍ତୋଳକ ଦଳର ଚଣ୍ଡିଗଡ଼ ଗସ୍ତ



ଚଣ୍ଡିଗଡ ଯିବାକୁ ଥିବା ଭାରୋତ୍ତୋଳନ ଦଳର ଖେଳାଳି ଓ କୋଚ।

ବ୍ରହ୍ମପୁର,୨୧।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ପୁରୁଷ,ମହିଳା ଭାରୋତ୍ତୋଳକ ଦଳ ଚଣ୍ଡିଗଡ଼ ଗସ୍ତ କରିଛନ୍ତି । ଚଣ୍ଡିଗଡ଼ ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଚଳିତ ମାସ ୨୬ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଦଳରେ ଜଣେ ମହିଳା ରହିଥିବା ବେଳେ ୬ ପୁରୁଷ ରହିଛନ୍ତି । ପୁରୁଷ ବର୍ଗରେ ବାଲିପଦର ଆଞ୍ଚଳିକ ସାଇନ୍ସ କଲେଜର ଦୀପକ କୁମାର ପ୍ରଧାନ, ଦାମୋଦର ପାଣିଗ୍ରାହୀ, ବି.ଗଣେଶ, ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ କଲେଜର ସୋମନାଥ ପାରାସେଟ, ଆଙ୍କଶପୁର ଏସଏମଆଇଟିର ବିଶାଲ ଘଡେଇ, ନର୍ସିମା ନାୟକ ରହିଥିବା ବେଳେ ମହିଳା ବର୍ଗରେ ବାଲିପଦର ଆଞ୍ଚଳିକ ସାଇନ୍ସ କଲେଜର ରିଙ୍କି ନାୟକ ରହିଛନ୍ତି । ମ୍ୟାନେଜର ଭାବେ ବ୍ରହ୍ମପୁରର ସଚ୍ଚିଦାନନ୍ଦ ଦାଶ,କୋଚ ଭାବେ ରଶ୍ମିତା ମହାରଣା ଦଳରେ ଗସ୍ତ କରିଛନ୍ତି । କ୍ରୀଡ଼ା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା,ରାଜେଶ ମହାନ୍ତି,କୃଷ୍ଣଚନ୍ଦ୍ର ସାହୁ,ନାରାୟଣ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ନିର୍ମାଣର ବର୍ଷେ ପରେ ବି ଖୋଲୁନି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ

ଗଞ୍ଜାମ,୨୧।୧(ଅନାଥ ତରାଇ)

ଗଞ୍ଜାମ ସହରରେ ପୂର୍ତ୍ତ ବିଭାଗ ଦ୍ୱାରା ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ନିର୍ମାଣ ସରିବାର ଏକ ବର୍ଷ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଗଞ୍ଜାମ ଥାନା ନିକଟରେ ନିର୍ମିତ ଏହି କୋଠାରେ ରକ୍ଷଣାବେକ୍ଷଣ ଅଭାବରୁ ଲଟାବୁଦା ଓ ଗଛପତ୍ର ମାଡ଼ିଯାଇଛି। ଏହାଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କ କହିବାନୁସାରେ, କୋଠାର ତନଖି କରାଯାଇଛି। କିଛି ଅଳ୍ପ କାମ ଯେମିତିକି ବିଦ୍ୟୁତ୍ ସଂଯୋଗ ଏବଂ ଆସବାବପତ୍ର ଯୋଗାଣ ବାକି ରହିଛି। ଯଥାଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ। କିନ୍ତୁ ଏହି ବିଳମ୍ବ ଯୋଗୁ ବର୍ତ୍ତମାନର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଅବ୍ୟବସ୍ଥା ବଢ଼ିଚାଲିଛି। ଏହି କାର୍ଯ୍ୟାଳୟ ଗଞ୍ଜାମ ବ୍ଲକ୍ ଓ ଏନ୍‌ଏସି ଅଧୀନ ୧୨୦ଟି ଗ୍ରାମ ଏବଂ ୬ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ– ବୁରୁଡ଼ି, ହୁମା, ପଣିବନ୍ଧ, ସନ୍ତୋଷପୁର, ରାମଚନ୍ଦ୍ରପୁର ଓ ଗଞ୍ଜାମକୁ ପରିଚାଳନା କରୁଛି। ପ୍ରତିଦିନ ଶତାଧିକ ଲୋକ ଘରବାଡ଼ି, ଜମି କ୍ରୟ ବିକ୍ରୟ ଏବଂ ବିବାହ ପଞ୍ଜୀକରଣ ପାଇଁ ଆସୁଛନ୍ତି। କିନ୍ତୁ ମୌଳିକ ସୁବିଧାର ଅଭାବ ଦେଖାଦେଇଛି। ଅପେକ୍ଷା କରିବା ପାଇଁ ସ୍ଥାନ ନାହିଁ। ଶୌଚାଳୟ ଅଭାବ ଯୋଗୁ ଲୋକମାନଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ବୃଦ୍ଧ, ମହିଳା ଓ ଛୋଟ ପିଲାମାନେ ବର୍ଷା ଓ ଖରାରେ ବାହାରେ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। କାର୍ଯ୍ୟାଳୟଟି ସହରଠାରୁ ଦୂରରେ ଥିବାରୁ ଦୂର ଗ୍ରାମରୁ ଆସୁଥିବା ଲୋକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ମଧ୍ୟ କାମ କରିପାରୁନାହାନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ଏହି ଅବ୍ୟବସ୍ଥା ଯୋଗୁ ସେମାନଙ୍କୁ ବାରମ୍ବାର ଅଯଥା ଯାତ୍ରା କରିବାକୁ ପଡୁଛି। ନୂତନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଲେ ଏହି ସମସ୍ୟାସବୁ ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି। ସରକାରୀ ବିଭାଗଗୁଡ଼ିକର ଏପରି ବିଳମ୍ବ ଜନସାଧାରଣଙ୍କ ଆସ୍ଥାକୁ ହ୍ରାସ କରୁଛି। ତେଣୁ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ନିର୍ମାଣାଧୀନ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ।

**ସଂକ୍ଷେପରେ**

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ,ବରିଷ୍ଠ ନାଗରିକ ମଞ୍ଚ ବୈଠକ

ଧରାକୋଟ,୨୧।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଗଞ୍ଜାମ ଜିଲା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ବରିଷ୍ଠ ନାଗରିକ ମଞ୍ଚ ଧରାକୋଟ ଶାଖାର ଚତୁର୍ଥ ସାଧାରଣ ବୈଠକ ଅନୁଷ୍ଠିତହୋଇଛି। ବାଲୁଙ୍କେଶ୍ୱର ମନ୍ଦିର ପୀଠରେ ହୋଇଥିବା ଏହି ବୈଠକରେ ସଂଘ ସଭାପତି ଖଲି ପାତ୍ର ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ପି.ତ୍ରିନାଥ ପାତ୍ର ସଂଯୋଜନା କରିଥିଲେ। ଡ. ଇନ୍ଦୁ ଭୂଷଣ ପଟ୍ଟନାୟକ ମୁଖ୍ୟ ଅତିଥି,ଇ ଶ୍ରୀନିବାସ ରାଉଳ ମୁଖ୍ୟବକ୍ତା, ଯୁଧିଷ୍ଠିର ସ୍ୱାଇଁ, କେଦାରନାଥ ବେହେରା, ଦିଲିପ ତ୍ରିପାଠୀ, ବନମାଳୀ ସାମନ୍ତରା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବୈଠକରେ ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ସମ୍ପାଦକ ବାସୁଦେବ ନାୟକ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ଦୟାନିଧି ପଣ୍ଡା ଆର୍ଥିକ ବିବରଣୀ ସୂଚନା ଦେଇଥିଲେ। ହିସାବ ନୀରିକ୍ଷକ ଶରତ ଚନ୍ଦ୍ର ରାଜ ଆର୍ଥିକ ବିବରଣୀ ଉପରେ ମତ ରଖିଥିଲେ। ଏହି ଅବସରରେ ଆସନ୍ତା ତିନି ବର୍ଷ ପାଇଁ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ସଭାପତି ଭାବେ ଖଲି ପାତ୍ର, କାର୍ଯ୍ୟକାରୀ ସଭାପତି ଭାବେ ପି.ତ୍ରିନାଥ ପାତ୍ର, ଉପସଭାପତି ପୀତବାସ ପାଣିଗ୍ରାହୀ, ବାସୁଦେବ ନାୟକ ସାଧାରଣ ସମ୍ପାଦକ,ବିପିନ ବିହାରୀ ଦାସ ଯୁଗ୍ମ ସମ୍ପାଦକ, ନିରଞ୍ଜନ ପଟ୍ଟନାୟକ ସମ୍ପାଦକ, ଦୟାନିଧି ପଣ୍ଡା କୋଷାଧକ୍ଷ, ଶରତ ଚନ୍ଦ୍ର ରାଜ ହିସାବ ନୀରିକ୍ଷକ ଭାବେ ମନୋନୀତ ହୋଇଥିଲେ । ସେହିପରି ଅଭିଯୋଗ ବିଚାର କମିଟି ପାଇଁ ସତ୍ୟବାଦୀ ସ୍ୱାଇଁ, ପ୍ରଦୀପ ରଥ, ଗଣେଶ ପୁରୋହିତ ମନୋନୀତ ହୋଇଥିଲେ।

## ପଞ୍ଚାୟତସ୍ତରୀୟ ହିନ୍ଦୁ ସମ୍ମିଳନୀ

ଜି.ଉଦୟଗିରି,୨୧।୧(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ୍ କଡିଙ୍ଗିଆଠାରେ ପଞ୍ଚାୟତସ୍ତରୀୟ ବିଶାଳ ହିନ୍ଦୁ ସମ୍ମିଳନୀ ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ଅନୁଷ୍ଠିତ ହୋଇଛି। ହିନ୍ଦୁ ସୁରକ୍ଷା ମଞ୍ଚ ସଭାପତି କାମରାଜ କହଁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ବନବାସୀ ସନ୍ଥ ସୁଦୟ ବାବା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବନବାସୀ କଲ୍ୟାଣ ଆଶ୍ରମର ପ୍ରାନ୍ତ ଶ୍ରଦ୍ଧା ଜାଗରଣ ପ୍ରମୁଖ ବିଦ୍ୟାଧର ମହନ୍ତ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଇଛି। ସାମାଜିକ ପର୍ଯ୍ୟାବରଣ, ସଂରକ୍ଷଣ, ସମରସତା, ନାଗରିକ କର୍ତ୍ତବ୍ୟବୋଧକୁ ହୃଦୟଙ୍ଗମ କରିବା ଆବଶ୍ୟକ ରହିଛି ବୋଲି ଅତିଥି କହିଥିଲେ। ଏହି କାର୍ଯ୍ୟକ୍ରମରେ ମାନଗୋବିନ୍ଦ ପ୍ରଧାନ, ଅବନେଶ୍ୱର ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ଶିବରାମ ଦିଗାଲ, ବିରେସନ ମଲିକ, ଗାନ୍ଧୀ ପ୍ରଧାନ, ପରମାନନ୍ଦ ପ୍ରଧାନ, ବିନାୟକ ପ୍ରଧାନ, କବିରାଜ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଧାନବିକ୍ରିରେ ଅବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୁଷ୍ଟ

**ଗଜପତି ଜିଲା**

ପାରଳାଖେମୁଣ୍ଡି,୨୧।୧(ଗିରିଧାରୀ ପରିଛା):

ଗଜପତି ଜିଲାରେ ଡିସେମ୍ବର ୩୦ରେ ଆନୁଷ୍ଠାନିକ ଭାବେ ଧାନମଣ୍ଡି ଖୋଲାଯାଇଥିଲେ ମଧ ଧାର୍ଯ୍ୟ ତାରିଖରୁ ବହୁ ବିଳମ୍ବରେ ମଣ୍ଡିରୁ ଧାନ ଉଠିଛି । ମିଲ ସମ୍ମୁଖରେ ଧାନବସ୍ତା ଭର୍ତ୍ତି ଟ୍ରାକ୍ଟର ଅଧା କି.ମି. ପର୍ଯ୍ୟନ୍ତ ଠିଆ ରହୁଛି। ନିୟମ ଅନୁଯାୟୀ, ଚାଷୀ ପ୍ରଥମେ ଗାଡ଼ିରେ ମଣ୍ଡିକୁ ଧାନ ନେବା ପରେ ଧାନର ମାନଦଣ୍ଡ ମେଶିନ ମାଧମରେ ନିର୍ଦ୍ଧାରଣ ହୋଇ ସେଠାରେ ଓଜନ କରାଯାଇଥାଏ। ପରେ ସେଠାରୁ ମିଲ ଗାଡ଼ିରେ କେବଳ ଧାନବସ୍ତା ମିଲକୁ ଯିବା କଥା। ହେଲେ ଚାଷୀ ନିଜସ୍ୱ ଖର୍ଚ୍ଚରେ ଧାନ ନେଉଥିବା କହିଛନ୍ତି । ଅପରପକ୍ଷେ ଧାନ ନେବା ପାଇଁ ପରିବହନ ଖର୍ଚ୍ଚ ମିଲକୁ ଦିଆଯାଉଛି। ସବୁ ସରକାରୀ ନିୟକୁ ଜଳାଞ୍ଜଳି ଦେଇ ସମସ୍ତେ ମିଳିମିଶି ଶୋଷଣ କରୁଥିବାରୁ ଚାଷୀମାନଙ୍କ ମଧରେ ପ୍ରବଳ ଅସନ୍ତୋଷ ବୃଦ୍ଧି ପାଇଛି । ବହୁ ଚାଷୀ ନିଜର କୁଇଣ୍ଟାଲ କୁଇଣ୍ଟାଲ ଧାନକୁ ମଣ୍ଡିରେ କିମ୍ବା ଧାନଖଳାରେ ପକାଇ ଚିନ୍ତାରେ ପଡିଛନ୍ତି। ଚଳିତବର୍ଷ ଜିଲ୍ଲାରେ ଧାନକିଣା ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା । ପୂର୍ବ ବର୍ଷ ଗୁଡିକରେ ଜାନୁଆରୀ ଶେଷ ସୁଦ୍ଧା ଶତ ପ୍ରତିଶତ ଧାନକିଣା ସରିଯାଇଥାଏ । ହେଲେ ଚଳିତବର୍ଷ ମନ୍ଥର ଗତିରେ ଧାନ କ୍ରୟ ଚାଲିଛି ।

ଜିଲାରେ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୩୬ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ୫୧.୬୩ ପ୍ରତିଶତ ପ୍ରାଥମିକ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ହୋଇଛି। ଯାହାକି ଚଳିତ ବର୍ଷ ମୋଟ ଧାନକ୍ରୟ ଲକ୍ଷ୍ୟଧାର୍ଯ୍ୟ ୨୭.୧୪ ପ୍ରତିଶତ ହୋଇଛି। ଧାନ କ୍ରୟ କରିବା ପାଇଁ ଜିଲାରେ ୧୫ ହଜାର ୫୧୧ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବାର ବିଭାଗ ପକ୍ଷରୁ ସୂଚନା ମିଳିଛି । ଏବେ ସୁଦ୍ଧା ପ୍ରାୟ ୭୦ ଭାଗ ଚାଷୀଙ୍କ ଧାନ ଅମଳ ହୋଇ ନିଜ ନିଜ କ୍ଷେତଖଳା କିମ୍ବା ମଣ୍ଡିରେ ପଡିରହିଛି। ତେବେ ଚୁକ୍ତି କରାଯାଇଥିବା କିଛି ମିଲରମାନେ ଠିକ ସମୟରେ ଧାନ ଉଠାଉନଥିବାରୁ ସମସ୍ୟା ସୃଷ୍ଟି ହେଉଛି । କେତେଜଣ ମିଲର ଭଲ ଦିନ ଦେଖି ବ୍ୟବସାୟ କରିବେ ବୋଲି କିଛି ଅଧିକାରୀଙ୍କୁ କହିଥିବା ଚାଷୀଙ୍କ ସୂତ୍ରରୁ ଜଣାପଡିଛି । ଜିଲ୍ଲା ପ୍ରଶାସନ ସବୁ ଜାଣି ନିଦା ବିଷ୍ଣୁ ସାଜିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ମିଲର୍‌ଙ୍କ ନିକଟକୁ ଧାନ ଯିବାପରେ ବ୍ୟାପକ କଟନୀଛଟନୀ ହେଉଛି । ଚାଷୀ ନେତା ଦାମୋଦର ରାଓ କହିଛନ୍ତି, ମିଲର୍ ୮୦ କେଜି ବସ୍ତାରେ ୪ କେଜିରୁ ଉର୍ଦ୍ଧ କଟନୀଛଟନୀ କରୁଥିବାରୁ ଚାଷୀଙ୍କୁ ଅଧିକ କ୍ଷତି ସହିବାକୁ ପଡୁଛି । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଯୋଗାଣ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ସେହିପରି ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ପ୍ରଭାରୀ ରଞ୍ଜିତ ପଟ୍ଟନାୟକ କହିଛନ୍ତି, ଚଳିତ ଥର ମିଲର୍‌ମାନେ ମନଇଚ୍ଛା କାର୍ଯ୍ୟ କରିଚାଲିଛନ୍ତି। ପ୍ରତ୍ୟେକ ବର୍ଷ ଚାଷୀଙ୍କୁ ଅଖା ବାବଦକୁ ଅର୍ଥ ଦିଆଯାଉ ନଥିବା ବେଳେ ଏବାବଦକୁ ଆସୁଥିବା ଅର୍ଥକୁ ମିଲର, ବିଭାଗୀୟ କର୍ତ୍ତୃପକ୍ଷ ମାନେ ମିଳିମିଶି ହଡପ କରୁଥିବା ସେ ଅଭିଯୋଗ କରିଛନ୍ତି। ଆସନ୍ତା ୨୮ ତାରିଖ ସୁଦ୍ଧା ଜିଲ୍ଲାର ସମସ୍ତ ଧାନମଣ୍ଡି ଖୋଲା ନଯାଏ ତେବେ ୧୦ହଜାରରୁ ଉର୍ଦ୍ଧ ଚାଷୀ ପାରଳାଖେମୁଣ୍ଡି ସହରର ରାମସାଗର ଛକରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ



ପଞ୍ଚାୟତ କାର୍ଯ୍ୟାଳୟରେ ବିଧାୟକ ନବନିର୍ମିତ କୋଠାକୁ ଉଦ୍‌ଘାଟନ କରୁଛନ୍ତି ।

ଦିଗପହଣ୍ଡି,୨୧।୧(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ୍ ଜକର ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମର ନବନିର୍ମିତ ବିଭିନ୍ନ ପ୍ରକଳ୍ପକୁ ବୁଧବାର ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ର ଉଦ୍‌ଘାଟନ କରିବା ସହ ଅନ୍ୟାନ୍ୟ ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ କରିଛନ୍ତି। ସରପଞ୍ଚ ରଶ୍ମିତା କୁମାରୀ ପ୍ରଧାନଙ୍କ ସଂଯୋଜନାରେ ଜକର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ କାର୍ଯ୍ୟାଳୟ କୋଠା ଓ ମୋ ବ୍ୟାଙ୍କ ସେବାକେନ୍ଦ୍ରର ନୂତନ ଶାଖା କୋଠାକୁ ଉଦ୍‌ଘାଟନ କରିଥିଲେ। ପରେ ଗ୍ରାମର ଶ୍ରୀ ଜଗନ୍ନାଥ ମନ୍ଦିର ଉନ୍ନତିକରଣ କାର୍ଯ୍ୟ ନିମନ୍ତେ ସେ ଶିଳାନ୍ୟାସ କରିବା ପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ପଞ୍ଚାୟତ ସ୍ତରୀୟ ପଟ୍ଟା ବଣ୍ଟନ ମେଳାରେ ଯୋଗ ଦେଇଥିଲେ। ଜକର ପଞ୍ଚାୟତ ୫ ଟି ଗ୍ରାମର ୨୮୯ ହିତାଧିକାରୀଙ୍କୁ ଗ୍ରାମକଣ୍ଠ ପରମ୍ପୋକ ଦ୍ୱିତୀୟ ଖାନା ସଂଶୋଧିତ ପଟ୍ଟା ବଣ୍ଟନ କରିବା ସହ ୩ ଜଣ ହିତାଧିକାରୀଙ୍କୁ ନୂତନ ରାସନ୍ କାର୍ଡ ବଣ୍ଟନ କରିଥିଲେ।

# ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି ।

ବାଲିଗୁଡ଼ା,୨୧।୧(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ସ୍ଥିତ ଏଏମ୍‌ସିଏସ୍ ମହାବିଦ୍ୟାଳୟର ୩୮ ତମ ବାର୍ଷିକ କ୍ରୀଡା ଉତ୍ସବ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଏସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ରାମବିଶ ଦିଗାଲ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଟିକାବାଲି ବ୍ଲକ୍ ଅଧକ୍ଷ ଦିଲୀପ କହଁର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଜିତେନ୍ଦ୍ର ଡାକୁଆ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥିଭାବେ ଟିକାବାଲି ବ୍ଲକ୍ ବିଡ଼ିଓ ବିଷ୍ଣୁ ଗୋବିନ୍ଦ, ମୁଖ୍ୟ ବକ୍ତା ଭାବେ ଅଧାପକ ବନମାଳୀ ବେହେରା, ସମ୍ମାନିତ ଅତିଥି ଭାବେ ଅଧାପକ ବିଷ୍ଣୁ ପ୍ରସାଦ ରଥ, ବିରୂପାକ୍ଷ ତ୍ରିପାଠୀ ଯୋଗଦେଇ କ୍ରୀଡା ଆମ ଜୀବନ ପାଇଁ କେତେ ଆବଶ୍ୟକ ବର୍ଣ୍ଣନା କରିଥିଲେ। କ୍ରୀଡା ସଂସଦର ଉପ ସଭାପତି ଅଧାପକ ନରେନ୍ଦ୍ର ଦିଗାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଅଧାପକ ଶଙ୍କର ପାଢ଼ୀ ଧନ୍ୟବାଦ ଦେଇଥିଲେ। ୪୨ଟି ପ୍ରତିଯୋଗିତାରେ ପ୍ରତିଯୋଗି ମାନେ ଭାଗ ନେଇଥିଲେ। ଖେଳ ଶିକ୍ଷକ ଧ୍ୟାନଚାନ୍ଦ ନାୟକ ଖେଳ ପରିଚାଳନା କରିଥିବା ବେଳେ ବିଭିନ୍ନ ସ୍କୁଲରୁ ଆସିଥିବା ଖେଳ ଶିକ୍ଷକ ପଞ୍ଚାନନ ପାଣିଗ୍ରାହୀ, ମନୋଜ ଭୋଳ, ରେଣୁବାଳା ପ୍ରଧାନ, ବାଳକୃଷ୍ଣ ଦୋରା, ଶିବ ପାଣିଗ୍ରାହୀ, ସୁଶାନ୍ତ ଭୋଳ ଖେଳ ପରିଚାଳନା କରିଥିଲେ। ପାଞ୍ଚଜଣ ଛାତ୍ରୀଛାତ୍ର ଚାମ୍ପିଅନ ହୋଇଥିଲେ ସିନିଅରର ମଧୁସ୍ମିତା ନାୟକ, ସୌମ୍ୟା ସାଗରୀକା ନାୟକ, ଚିତ୍ତରଞ୍ଜନ ପ୍ରଧାନ, ଜୁନିୟରର ବର୍ଷା ପ୍ରଧାନ, ଲଳିତ କହଁର। ଅଧାପକ ରତନ ଦିଗାଲ ସଞ୍ଚାଳନ କରିଥିବା ବେଳେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବସ୍ତିଙ୍ଗିଆ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଚକାପାଦ,୨୧।୧ (ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ୍ ଅନ୍ତର୍ଗତ ବସ୍ତିଙ୍ଗିଆ ଉଚ୍ଚ ବିଦ୍ୟାଳୟରେ ବୁଧବାର ବାର୍ଷିକୋତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧକ୍ଷା ବୈନେତ୍ରୀ କହ୍ନର, ମୁଖ୍ୟ ବକ୍ତା ଭାବେ ଟିକାବାଲି ମହାବିଦ୍ୟାଳୟର ଅଧକ୍ଷ ଦୀନବନ୍ଧୁ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ସୋମନାଥ ବେହେରା, ୱାଇଓ ଆୟୁଷି ପ୍ରଧାନ, ସରପଞ୍ଚ ଚିରଞ୍ଜିବି କହ୍ନର, ସମିତି ସଭ୍ୟା ରୂପଶ୍ରୀ କହ୍ନର, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଦାଶ, ଖବରଦାତା ପ୍ରତାପ ବେହେରା, ଏମ୍‌ପି ପ୍ରତିନିଧି ଶିକ୍ଷା ଓ ସ୍ୱାସ୍ଥ୍ୟର ମାନସ ବେହେରା, ବିଦ୍ୟାଳୟ ସଭାପତି ଗୋପୀନାଥ କହ୍ନର ଏବଂ ବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ରବିନାରାୟଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ମୁଖ୍ୟ ସମସ୍ୟା ଛାତ୍ରୀଛାତ୍ରମାନଙ୍କ ପାଇଁ ଖେଳ ପଡ଼ିଆ ଓ ନେଟୱାର୍କ ନ ଥିବାରୁ ବିଦ୍ୟାଳୟରେ ଅଫିସ କାର୍ଯ୍ୟ ସହ ଶିକ୍ଷା ଦାନରେ ବହୁ ଅସୁବିଧା ହେଉଥିବା ଯୋଗୁ ଏହାର ସମାଧାନ ପାଇଁ ମଞ୍ଚାସିନ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟତ୍ରୀ ମିନତୀ ଦେବୀ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## କଂଗ୍ରେସର ବନ୍ଧୁମିଳନ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଜି.ଉଦୟଗିରି,୨୧।୧(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି କଂଗ୍ରେସ କାଉନ୍‌ସିଲର ଯାକେସ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ସିକିଘାଇ ନିକଟରେ ଏକ ବନ୍ଧୁ ମିଳନ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ଦଳର ରାଷ୍ଟ୍ରୀୟ କନଭେନର, ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନର ପଶ୍ଚିମବଙ୍ଗ ପ୍ରଭାରୀ ତଥା ଆନ୍ଧ୍ରପ୍ରଦେଶ ନିମନ୍ତେ ଆଦିବାସୀ କଂଗ୍ରେସ ପ୍ରଭାରୀ ଦାୟିତ୍ୱ ନିର୍ବାହ କରୁଥିବା ସ୍ଥାନୀୟ ଅଞ୍ଚଳର ନେତା ପ୍ରତାପ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଅନାମ ନାୟକ, ଚନ୍ଦନ ପଣ୍ଡା, ସଦାନନ୍ଦ ନାୟକ, ପ୍ରତାପ ଚନ୍ଦ୍ର ପ୍ରଧାନ, ରମାକାନ୍ତ ମହାପାତ୍ର ଯୋଗ ଦେଇଥିବା ବେଳେ ଅଞ୍ଜୁମ ଅହମ୍ମଦ, ଟାରଜନ ସାହୁ, ଗୋକୁଳ ପ୍ରଧାନ, ପ୍ରଫୁଲ୍ଲ ଦିଗାଲ, ଉମେଶ ପ୍ରଧାନ, ନରେଶ ଆଚାରୀ, ସୁଧୀର ଦିଗାଲ, ମାନଭଞ୍ଜନ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ଦଳକୁ କିପରି ତୃଣମୂଳସ୍ତରରେ ସୁଦୃଢ଼ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା।

## ଦିନମଜୁରିଆଙ୍କ ଆକାଉଣ୍ଟ ଖାଲିକଲେ ସାଇବର ଠକ

ଜି.ଉଦୟଗିରି, ୨୧।୧(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ସହରର ଦିନ ମଜୁରିଆ ପଞ୍ଚାନନ ସାହୁ ସାଇବର ଠକେଇର ଶିକାର ହୋଇଥିବା ସୂଚନା ମିଳିଛି। ତାଙ୍କ ମୋବାଇଲକୁ ଏସ୍‌ବିଆଇ ଲୋଗ ଥାଇ ୟୋନ ଲିଙ୍କ ଆପ୍ ଆସିଥିଲା। ସେ ତାକୁ ଖୋଲିବା ପରେ ତାଙ୍କ ଫୋନକୁ ଏକ କଲ ଆସିଲା ସେ ରିସିଭ କରିବା ପରେ ତାଙ୍କ ବ୍ୟାଙ୍କ ସେବା ବନ୍ଦ ରହିଛି। ତାକୁ ଚାଲୁ କରିବା ନିମନ୍ତେ ଠକ ପ୍ରବର୍ତ୍ତାଇଥିଲା। ଠକର କଥାରେ ପଞ୍ଚା ନିଜ ଏଟିଏମ କାର୍ଡ଼ ପିନ ନମ୍ବର ଦେଇ ଦେଇଥିଲେ। ପିନ ନମ୍ବର ପାଇବା ପରେ ୨ ଦିନ ପର୍ଯ୍ୟନ୍ତ ଏକାଉଣ୍ଟ ଖୋଲିବାକୁ ଠକ ଜଣଙ୍କ ମନାକରିଥିଲା। ୧୨ତାରିଖ ଦିନ ଏହି ଘଟଣା ଘଟିଥିଲା କିନ୍ତୁ ଠକେଇର ଶିକାର ହୋଇଥିବା ନେଇ ବ୍ୟକ୍ତି ଜାଣି ନ ଥିଲେ। ୨ ଦିନ ତଳେ ବ୍ୟାଙ୍କକୁ ଯାଇ ପାସ ବହି ପ୍ରିଣ୍ଟ କଲା ପରେ ଜାଣିବାକୁ ପାଇଲେ ତାଙ୍କ ଆକାଉଣ୍ଟରୁ ୧ଲକ୍ଷ ୪୦ହଜାର ୫ ଶହ ଟଙ୍କା କଟି ଯାଇଛି। ଏନେଇ ସ୍ଥାନୀୟ ଥାନାରେ ପହଞ୍ଚି ଅଭିଯୋଗ କରିବା ପରେ ଥାନା ଆଇଆଇସି ବିଜୟ କୁମାର ସ୍ୱାଇଁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ ଉକ୍ତ ଟଙ୍କା ୩ଟି ବ୍ୟାଙ୍କ ଏକାଉଣ୍ଟକୁ ଯାଇଛି। ତଥ୍ୟ ଅନୁସାରେ ଥାନା ଅଧିକାରୀ ସାଇବର ଠକ ଦ୍ୱାରା ଯେଉଁ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି ତାକୁ ଚିହ୍ନଟ କରି ଆକାଉଣ୍ଟ ଫ୍ରିଜ କରିବା ବ୍ୟବସ୍ଥା କରାଯାଉଛି ବୋଲି ସୂଚନା ମିଳିଛି।

# ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ

ଗଞ୍ଜାମ,୨୧।୧(ଅନାଥ ତରାଇ)

ଗଞ୍ଜାମ ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ପରିସରରେ ଅଷ୍ଟମ ବାଟାଲିୟନ ଦ୍ୱାରା ଆୟୋଜିତ ଦିନିକିଆ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରମ୍ଭା ବିପକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଷ୍ଟେଟ୍‌ବ୍ୟାଙ୍କ ରମ୍ଭା ଚାମ୍ପିୟନ ହୋଇ ଥିବାବେଳେ ଅନ୍ୟ ଦଳ ରନର୍ସ୍‌ଅପ୍ ହୋଇଛନ୍ତି। ଫାଇନାଲରେ ଏସବିଆଇ ରମ୍ଭା ପକ୍ଷରୁ ଆଲୋକ ଓ ଲକି ଏବଂ ବିପକ୍ଷୀ ରମ୍ଭା ଦଳରୁ ଅରବିନ୍ଦ ଓ ଅଶ୍ୱିନୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମୋଟ ୧୬ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରେଫେରୀ ଭାବେ ସୁମା ଦାସ ଓ ସନ୍ୟାସୀ ଗୌଡ଼ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅଷ୍ଟମ ବାଟାଲିୟନର ଦୁର୍ଗପତି ଶାରଦା ପ୍ରସନ ଦାସ, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ, ତହସିଲଦାର ସୁକାନ୍ତ ମିଶ୍ର, ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ ଓ ବରିଷ୍ଠ ନାଗରିକ ପରିଷଦ ସଭାପତି ରବୀନ୍ଦ୍ର ପଣ୍ଡା ଯୋଗ ଦେଇ ଚାମ୍ପିୟନ ଓ ରନର୍ସ୍‌ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସକାଳେ ବରିଷ୍ଠ ନାଗରିକ ସଭାପତି ରବୀନ୍ଦ୍ର ପଣ୍ଡା ଓ ଦୁର୍ଗପତି ଶାରଦା ପ୍ରସନ ଦାସ ଏହି ପ୍ରତିଯୋଗିତାର ଉଦଘାଟନ କରିଥିଲେ। ଏହି ଅବସରରେ ରବୀନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା। ଡେପୁଟି କମାଣ୍ଡାଣ୍ଟ ଯଶୋବନ୍ତ ସେଠୀ, ସହକାରୀ କମାଣ୍ଡାଣ୍ଟ ପବିତ୍ର ମୁଣ୍ଡା ସମେତ ଅନ୍ୟାନ୍ୟ ଅଧିକାରୀ ଓ ଯବାନମାନେ ସହଯୋଗ କରିଥିଲେ।

# ରେବତୀ ମୋହନଙ୍କ ସ୍ମୃତିସଭା

ବୁଗୁଡା,୨୧।୧(କାଳିଚରଣ ଦାଶ):

ବୁଗୁଡା ରାଜନୈତିକ ପରିମଣ୍ଡଳର ଦିବଂଗତ ନେତା ରେବତୀ ମୋହନ ନାୟକଙ୍କ ଦ୍ୱାଦଶାହରେ ତାଙ୍କର ପୈତୃକ ଗ୍ରାମ ବି.କରଡ଼ାବାଡ଼ିରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଦୟାନିଧି ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଶ୍ରୀକାନ୍ତ ସାହୁ, ପ୍ରାକ୍ତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଲତିକା ପ୍ରଧାନ, ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ଓ ଉପାଧକ୍ଷା ରାଜେଶ୍ୱରୀ ଦୋରା, ବ୍ରହ୍ମପୁର ନଗର ନିଗମ ମେୟର ସଙ୍ଘମିତ୍ରା ଦଳେଇ, ଗଞ୍ଜାମ ଜିଲା ବିଜେଡି ପ୍ରାକ୍ତନ ସଭାପତି ସୁବାସ ଚନ୍ଦ୍ର ମହାରଣା, ବିଜେଡି ଯୁବ ସଭାପତି ନଚିକେତା ସ୍ୱାଇଁ, ହିଞ୍ଜିଳିକାଟୁ ବିଧାୟକ ପ୍ରତିନିଧି ଦେବେନ୍ଦ୍ର ମହାପାତ୍ର, ବୁଗୁଡ଼ା ବ୍ଲକ ପ୍ରାକ୍ତନ ଅଧକ୍ଷ ରାମନାରାୟଣ ସାହୁ ଓ କିଶୋର ଚନ୍ଦ୍ର ବେହେରା, ବଂଶୀଧର ନାୟକ, ନିରଞ୍ଜନ ପ୍ରଧାନ, ଅକ୍ଷୟ ରାଉତ, ଅନିଲ ସାହୁ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପୋଲସରା ବିଧାୟକ ପ୍ରତିନିଧି ହରିକୃଷ୍ଣ ସାହୁ, ଜୟନ୍ତୀ ପଢିଆରୀ, ଗଙ୍ଗାଧର ନାୟକଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତିବିଶେଷ ଏବଂ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ଦିବଂଗତ ରେବତୀ ମୋହନଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ ଏବଂ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ରେବତୀ ମୋହନ ବୁଗୁଡା ବ୍ଲକର ୩ ଥର ଅଧକ୍ଷ, ଗଞ୍ଜାମ ଜିଲା ପରିଷଦର ଅଧକ୍ଷ, ଜିଲା ବିଜେଡି ସଭାପତି, କାର୍ଡ ବ୍ୟାଙ୍କର ରାଜ୍ୟ ସଭାପତି, ଭଞ୍ଜନଗର ଆରସିଏମର ସଭାପତି ପଦମଣ୍ଡନ କରି ଅଞ୍ଚଳର ଗୌରବ ବୃଦ୍ଧି କରିଥିଲେ ବୋଲି ନେତା ଗଣ ସ୍ମୃତି ଚାରଣ କରିଥିଲେ।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଜଗନ୍ନାଥପ୍ରସାଦ,୨୧।୧(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ବ୍ଲକ୍ ତାରାସିଂ ବିଜୁ ପଟ୍ଟନାୟକ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଉଦୟନାଥ ବିଷୋୟୀଙ୍କ ପ୍ରତିମୂର୍ତ୍ତି ବୁଧବାର ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ କରକମଳରେ ହାଇସ୍କୁଲ ସମ୍ମୁଖରେ ଉନ୍ମୋଚିତ ହୋଇଛି। ହାଇସ୍କୁଲ ପଡ଼ିଆରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଛି। ସ୍କୁଲର ପ୍ରଧାନଶିକ୍ଷକ ଶିବରାମ ମହାରଣା, ବ୍ଲକ ଉପାଧକ୍ଷା ନିଳାଞ୍ଚଳ ଖିଲାର, ଏମ୍‌ପି ପ୍ରତିନିଧି ମହେନ୍ଦ୍ର ପଣ୍ଡା, ତାରାସିଂ ଥାନାଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ, ପ୍ରାକ୍ତନ ପ୍ରଧାନଶିକ୍ଷକ ବିଭୁନନ୍ଦନ ପଟ୍ଟନାୟକ, ସାହିତ୍ୟ ବିଶାରଦ ଡ.ପ୍ରଦୀପ ପଟ୍ଟନାୟକ, ତାରାସିଂ ସରପଞ୍ଚ ଯୋଗେଶ୍ୱର ବେହେରା, ସମିତି ସଭ୍ୟା ରିତା ନାୟକ, ଶିକ୍ଷାବିତ ବିପିନ ଚନ୍ଦ୍ର ନାୟକଙ୍କ ସମେତ ଅନେକ ଶିକ୍ଷାବିତ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଅନେକ କୃତି ଛାତ୍ରୀଛାତ୍ରଙ୍କୁ ଉଦୟ ପ୍ରତିଭା ସମ୍ମାନ ଦିଆଯାଇଥିଲା।

**ସୁବର୍ଣ୍ଣ ସୁଯୋଗ**
**ବିଶେଷ ରିହାତି**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
No.n- ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ

**ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ**

ସ୍ଥାନ- ନେହେରୁ ଷ୍ଟାଡିୟମ, ଭଦ୍ରକ, ଭଦ୍ରାୟଣୀ (ଭଦ୍ରକ ଜିଲା ମହୋତ୍ସବ-୨୦୨୬)
ତା.୧୮.୦୧.୨୦୨୬ ରିଖ ଠାରୁ ୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

୧୦%
ବିଶେଷ ରିହାତି

ଆପଣଙ୍କ ପ୍ରିୟ ଭଦ୍ରକ ସହରରେ ସୀମିତ ସମୟ ପାଇଁ
ଆଜିହିଁ ପଦାର୍ପଣ କରନ୍ତୁ ଏବଂ ବିଶେଷ ରିହାତିର ସୁଯୋଗ ପାଇବା ସହିତ
OIPR- ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ ।

# ନୂଆପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଚିକିଟି,୨୧।୧(ପ୍ରକାଶ ଚନ୍ଦ୍ର ସାହୁ)




ଚିକିଟି ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ହେଉଛି ଦେଶର ଉନ୍ନତିର ମୂଳ ଆଧାର। ଶିକ୍ଷା ମାଧମରେ ଛାତ୍ରୀଛାତ୍ର ମାନେ ଜ୍ଞାନ, ନୀତି, ଶୃଙ୍ଖଳା, ଓ ଦାୟିତ୍ୱବୋଧ ଅର୍ଜନ କରନ୍ତି। ଏହା ସେମାନଙ୍କୁ ସଠିକ୍ ଭାବେ ଚିନ୍ତା କରିବା, ସମସ୍ୟା ସମାଧାନ କରିବା ଏବଂ ଜୀବନରେ ସଫଳ ହେବାର ପଥ ପ୍ରଦର୍ଶନ ହେବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ପି.ଶିବନାରାୟଣ ପାତ୍ର ଏବଂ ପୁରାତନ ଛାତ୍ର କେ.ନାନ୍ଦେସୁ ସେନାପତି ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ଶିକ୍ଷା ସହିତ ମାନବିକ ମୂଲ୍ୟବୋଧର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ତରଫରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହିତ ଉପଢ଼ୌକନ ଦେଇ ସମ୍ମାନୀତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଜି.ସଦାନନ୍ଦ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଏନ୍‌ସିସି ଶିକ୍ଷକ ଜଗନ୍ନାଥ ପ୍ରସାଦ ସମେତ ଏନ୍‌ସିସିରେ ଭାଗ ନେଇଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

**Directorate of Technical Education & Training, Odisha**
At-Killamaidan, Po- Buxibazar, Cuttack-753001
Phone No.-0671 2301061, e-mail: dtetorissa@gmail.com

NIT No.DTET/2025-26/1223 Date:19.01.2026

**NOTICE INVITING REQUEST FOR PROPOSALS (RFP)**

**From the OEMs/authorised Channel Partners for the following tenders.**

1. Centre of Excellence in Additive Manufacturing at 3 Govt. ITIs of Odisha.
2. Centre of Excellence in Advanced CNC Machining and Manufacturing at 3 Govt. ITIs of Odisha.
3. Procurement of AI Lab equipment for 9 Govt. ITIs of Odisha.

Directorate of Technical Education and Training (DTE&T), Odisha invites both Technical & Financial proposals from the eligible OEMs/authorised channel partners for the above mentioned tenders through Odisha Government e-Procurement System (https://tendersodisha.gov.in). Please refer to the RFP documents for details.

The RFP documents shall be available from 22/01/2026 onwards in the Odisha Government e-Procurement Portal (https://tendersodisha.gov.in) & DTE&T Odisha website (www.dtet.odisha.gov.in/en/tenders). If required, further intimation [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/ all proposals at any stage without assigning any reason thereof.

OIPR- Sd./- DTE&T, Odisha, Cuttack

No.KK-331

## ସଂକ୍ଷେପରେ

### ଜୁଆଆଡ୍ଡାରେ ଚଢ଼ାଉ, ୮ ଗିରଫ
#### ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

ଛତ୍ରପୁର,୨୧।୧(ଦିଲୀପ ସାମଲ): ଛତ୍ରପୁର ଥାନା ପୋଲିସ ପକ୍ଷରୁ ଚିକଲଖଣ୍ଡିଠାରେ ମଙ୍ଗଳବାର ରାତିରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଥିଲା। ସେଠାରୁ ୮ ଜଣଙ୍କୁ ଗିରଫ କରାଯିବା ସହ ୨ ଲକ୍ଷ ୧ ହଜାର ୨୬୦ଟଙ୍କା, ୬ଟି ବାଇକ ଏବଂ ୧୦ ମୋବାଇଲ ଫୋନ୍ ଜବତ ହୋଇଛି। ପ୍ରୋଭିଜନାଲ ଆଇପିଏସ ନୀତେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲଙ୍କ ସମେତ ପୋଲିସ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ। ଚଢ଼ାଉ ବେଳେ ଜୁଆ ଖେଳର ମୁଖ୍ୟ ଫେରାର ହୋଇଯାଇଛନ୍ତି।

### ଦିବ୍ୟ ଜୀବନ ସଂଘର ସତ୍‌ସଂଗ

ଧରାକୋଟ,୨୧।୧(ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ମୁଣ୍ଡମରାଇ ଦିବ୍ୟ ଜୀବନ ସଂଗ ଶାଖା ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଦିବ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଶତାଧିକ ଯୁବକ ମହିଳା ଛାତ୍ର ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଆଧ୍ୟାତ୍ମିକ ପ୍ରବଚକ ଶ୍ରୀଧର ଦାସ ଯୋଗ ଦେଇ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଦିବ୍ୟ ଜୀବନ ବାଣୀ ଆଜି ପ୍ରେରଣାର ଉତ୍ସହୋଇ ଅନେକ ମଣିଷ ହୃଦୟରେ ପରିବର୍ତ୍ତନ କରୁଛି ବୋଲି ଅନେକ ଦୃଷ୍ଟାନ୍ତ ସହିତ ଉପସ୍ଥାପନ କରିଥିଲେ। ସଂଘର ସଭାପତି ତ୍ରିନାଥ ପାତ୍ର, ଗଣେଶ ଚନ୍ଦ୍ର ପାତ୍ର ଧରାକୋଟ ସତ୍ୟ ସାଇ ସେବା ସମିତିର ଗଗନ ଭା, ଶିବ ଭାଇ ଅବସର ପ୍ରାପ୍ତ ପୋଲିସ କର୍ମଚାରୀ ଆଧ୍ୟାତ୍ମିକ ସଂଗଠକ ପଦ୍ମଚରଣ ବାରିକ ସହଯୋଗ କରିଥିଲେ। ଦିବ୍ୟ ଜୀବନ ସଂଘର ସଂଯୋଜକ ନାଗେଶ୍ୱର ରାଓ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୨ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ପାତ୍ରପୁର,୨୧।୧(ଉମା ଚରଣ ନେପାକ): ଜରଡ଼ା ଥାନା ଅଞ୍ଚଳର ମନ୍ଦିରଗୁଡ଼ିକରୁ ଚୋରି ବଢ଼ିବାରେ ଲାଗିଛି। ଚୋରମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ମଠ ମନ୍ଦିରଗୁଡ଼ିକରେ କଳାକନା ବୁଲାଉଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ବୁରୁପଡ଼ା ଓ ଜିଲୁଣ୍ଡା ମଧ୍ୟସ୍ଥଳରେ ଥିବା ଭୈରବୀ ଛାଞ୍ଚଡ଼ା ନୀଳକଣ୍ଠେଶ୍ୱର ଓ ମହାମାୟୀଙ୍କ ମନ୍ଦିରର ୩ଟି ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ବୁଧବାର ଭୋରରେ ପୂଜାରୀ ମନ୍ଦିରକୁ ଯାଇଥିବା ବେଳେ ହୁଣ୍ଡି ଭାଙ୍ଗି ଚୋରି ହୋଇଥିବା ନେଇ କମିଟିକୁ ଜଣାଇଥିଲେ । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହୋଇଛି। ରିତିମତ ଏପରି ଚୋରି ହେଉଥିବାରୁ ପ୍ରତ୍ୟେକ ମନ୍ଦିରରେ ସିସିଟିଭି ଲଗାଇବା ସହ ରାତି ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏନେଇ ଜରଡା ପୋଲିସ ସହିତ ଯୋଗାଯୋଗ କରିବାରୁ ମନ୍ଦିରରୁ ଚୋରି ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଟୁନା ସାସମଲ କହିଛନ୍ତି।

# ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜୋରଦାର

■ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଛାଉଣି

■ପ୍ରଶାସନ କହିଲା ଲୋକ ଆପେ ଆପେ ଉଚ୍ଛେଦ ହେଉଛନ୍ତି

ଦାରିଙ୍ଗବାଡ଼ି,୨୧।୧ (ଅରୁଣ ସାହୁ) ଦାରିଙ୍ଗବାଡ଼ି ସହରକୁ ଟ୍ରାଫିକ୍ ମୁକ୍ତ ଓ ସୌନ୍ଦର୍ଯ୍ୟ କରଣ କରିବାକୁ ବୁଧବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜୋରଦାର କରାଯାଇଛି। ଏହି ପ୍ରରିପ୍ରେକ୍ଷୀରେ ସ୍ଥାନୀୟ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ଦଣ୍ଡାଧିକାରୀ ଧୀରଜ ପାତ୍ର, ବିଡ଼ିଓ ପ୍ରୀତିରଞ୍ଜନ ରଥ, ଆଇଆଇଆସି ସଂଗ୍ରାମ କେଶରୀ ଜେନା ସଦଳବଳ ୫୯ ନଂ. ଜାତୀୟରାଜଅ କଡ଼ର ୨ ପାଖରୁ ଚାରିଛକ କସମ ଆଉଟଲେଟ ଠାରୁ ୩ ଛକ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦକୁ ଜୋରଦାର କରିଛନ୍ତି। ଏହି ସମୟରେ ଉଠାଦୋକାନୀମାନେ ନିଜନିଜ ଦୋକାନକୁ ଉଠାଇ ଦେଉଥିବା ବେଳେ ସ୍ଥାୟୀ ଦୋକାନ ଆଗରେ ମଧ ଅସ୍ଥାୟୀ ଟିଣ ଛପରକୁ ଉଠାଇ ଦିଆଯାଇଛି। ତେବେ ଖବର ଲେଖିବା ସୁଦ୍ଧା ସମ୍ପୂର୍ଣ୍ଣ ଉଚ୍ଛେଦ ପ୍ରକ୍ରିୟା ହୋଇ ନ ଥିବା ଦେଖିବାକୁ ମିଳିଛି। ଯଦି ଏହି ପ୍ରକ୍ରିୟା ଜାରି ରହେ ଉଚ୍ଛେଦ କାର୍ଯ୍ୟ ସରିବ ବୋଲି ବିଡ଼ିଓ କହିଛନ୍ତି। ସେହିପରି ଏହି ଉଚ୍ଛେଦ ସମୟରେ ଅବାଧରେ ସରକାରୀ ମାର୍କେଟ କମ୍ପ୍ଲେକ୍ସ ସମେତ ସରକାରୀ ଜମିରେ ଅବାଧରେ ଦୋକାନ ଗୃହ ତହସିଲଦାରଙ୍କ ନଜରକୁ ଆସିଥିଲା। ଉକ୍ତ ମାର୍କେଟ କମ୍ପ୍ଲେକ୍ସ ଗୁଡ଼ିକୁ ଉଚ୍ଛେଦ କରି ଉଠା ଦୋକାନୀଙ୍କୁ ଚିହ୍ନଟ କରି ବଣ୍ଟନ କରାଯିବାକୁ ତହସିଲଦାର ଓ ବିଡ଼ିଓ ପଞ୍ଚାୟତକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଯେଉଁଠାରେ ସରକାରୀ ଜମି ରହିଛି ସେଠି ଶୀଘ୍ର ହାଟ ପିଣ୍ଡି ନିର୍ମାଣ କରି ବ୍ୟବସାୟୀଙ୍କୁ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଯେତିକି ଉଠାଦୋକାନୀ ବ୍ୟବସାୟ କରୁଥିଲେ ସେମାନେ ସମସ୍ତଙ୍କୁ ଅଦ୍ୟାବଧି ଥଇଥାନ ପ୍ରକ୍ରିୟା ଚାଲିଛି। ସମ୍ପୂର୍ଣ୍ଣ ହୋଇ ନ ଥିବା ଆଉ କିଛି ବ୍ୟବସାୟୀ ଅମାନିଆ ଭଳି ରାଜପଥ କଡ଼ରେ ବ୍ୟବସାୟ କରୁଥିବା ବେଳେ ସେମାନଙ୍କୁ ମଧ୍ୟ ପଞ୍ଚାୟତ ଯୋଗାଇ ଦେଉଥିବା ତହସିଲକାର୍ଯ୍ୟାଳୟ ସମ୍ମୁଖ ହାଟ ପିଣ୍ଡିକୁ ଯାଇ ବ୍ୟବସାୟ କରିବାକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋଶନ ରଥଙ୍କୁ ବିଡ଼ିଓ ନିର୍ଦ୍ଦେଶ ଦେଇଛନ୍ତି। ଦୋକାନୀଙ୍କୁ ଥଇଥାନ ପାଇଁ ପ୍ରଶାସନ ଗୁରୁତ୍ୱ ଦେବା ସହ ପଦକ୍ଷେପ ନେଉଛି ବୋଲି ବିଡ଼ିଓ କହିଛନ୍ତି। ସେହିପରି ଏହି ଉଚ୍ଛେଦ ପରେ ଜାତୀୟ ରାଜପଥ କଡ଼ରେ ଥିବା ୱାଲରେ ସୌନ୍ଦର୍ଯ୍ୟକରଣ କରାଯିବ। ଉଚ୍ଛେଦ ପରେ ଟ୍ରାଫିକ ନିୟନ୍ତ୍ରଣକୁ ଆସିଯିବ ବୋଲି ଆଇଆଇଆସି ସଂଗ୍ରାମ କେଶରୀ ଜେନା କହିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଛାଉଣି କରାଯାଇଥିବା ଆଇଆଇସି କହିଛନ୍ତି।


ପ୍ରଶାସନ ଓ ପୋଲିସ୍ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ କରାଯାଉଛି।

# ୧୩୩ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ


ଭିନ୍ନକ୍ଷମମାନଙ୍କୁ ଅତିଥି ପ୍ରମାଣପତ୍ର ଦେଉଛନ୍ତି।

ଫୁଲବାଣୀ,୨୧।୧ (ରାକେଶ କୁମାର ରାଉତ)

ଫୁଲବାଣୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ କନ୍ଧମାଳ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ର, ଫୁଲବାଣୀ ବ୍ଲକ୍ ଅଧକ୍ଷା ସସ୍ମିତା କହଁର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା, ଫୁଲବାଣୀ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଉଷାରାଣି ପ୍ରଧାନ, ଜିପିଓ ପ୍ରମୋଦ ସାହାଣୀ ପ୍ରମୁଖ ମଞ୍ଚାସିନ ରହିଥିଲେ। ଫୁଲବାଣୀ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୨୩୩ ଜଣ ଭିନ୍ନକ୍ଷମ ଶିବିରରେ ପଞ୍ଜିକରଣ କରିଥିଲେ। ଯାଞ୍ଚ ବେଳେ ୧୦୦ ଜଣଙ୍କ କାଗଜ ପତ୍ର ଠିକ୍ ନ ଥିଲା। ବାକି ୧୩୩ ଜଣ ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

# ରାଇଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ଖଜୁରିପଡ଼ା ୨୧।୧( ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଦୃତିପଡ଼ା ପଞ୍ଚାୟତର ଅଧିନରେ ଥିବା ରାଇଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଏସ୍.ଶିବ ପ୍ରିୟାଙ୍କ ତତ୍ତ୍ୱାବଧାନରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଇଓ ବିନୋଦ ବିହାରୀ ଦିଗାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ ନାର୍ଶ୍ମୁକହଁର, ବଂଶୀଧର ନନ୍ଦ, ପ୍ରଦୀପ ମଲିକ, ଇନ୍ଦ୍ରମଣି ନାୟକ, ସିଆରସି ଅଶୋକ ମଲିକ, ଏସ୍‌ଏମ୍‌ସି ସଭାପତି ସନତ ଜାନି, ପଞ୍ଚଶଖା ଶିକ୍ଷା ସେତୁର ସଭାପତି ସୁଲ ପାଣି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ଛାତ୍ରୀଛାତ୍ରମାନେ ସମ୍ମାନିତ କରିଥିଲେ। ବିଭିନ୍ନ କ୍ରୀଡ଼ା, ସଙ୍ଗୀତ, କୁଇଜ, ରଚନା, ଚିତ୍ରାଙ୍କନ, ଆଦି ପ୍ରତିଯୋଗିତାରେ କୃତିତ୍ୱ ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ମଲିକ, ଝରଣା କୁମାରୀ ଦାସ, ବନ ଲତା ନାୟକ, ଅନିତା ମଞ୍ଜରୀ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଭଞ୍ଜନଗର କେଭିରେ ଯୁକ୍ତ୨ ଖୋଲିବାକୁ ଅନୁମତି

ଭଞ୍ଜନଗର,୨୧।୧(ବାବୁଲା ପ୍ରଧାନ):

ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ(କେଭି) ପାଇଁ ମଙ୍ଗଳବାର ଆଉ ଏକ ଖୁସି ଖବର ଆସିଛି। କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନର ୧୫ ବର୍ଷ ପରେ ଯୁକ୍ତ ୨ ଖୋଲିବା ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ଚଳିତ ଶିକ୍ଷାବର୍ଷରୁ ଏଠାରେ ଯୁକ୍ତ ୨ ପ୍ରଥମ ବର୍ଷ ପାଇଁ ନାମଲେଖା ଯିବ। ଗତ ସପ୍ତାହରେ କେନ୍ଦ୍ର ସରକାର ଭଞ୍ଜନଗର କେଭିର ସ୍ଥାୟୀ କୋଠା ନିର୍ମାଣ ପାଇଁ ୩୩ କୋଟି ୧୧ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ଖୁବଶୀଘ୍ର ତାହାର ମଧ୍ୟ କାମ ମଧ୍ୟ ଆରମ୍ଭ ହେବ। ୨୦୨୮ ଶିକ୍ଷାବର୍ଷରୁ ସ୍ଥାୟୀ କୋଠାରେ ପାଠପଢ଼ା ଲକ୍ଷ୍ୟ ରଖାଯାଇଛି। ଏସବୁ ପାଇଁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ,ଭଞ୍ଜନଗର ଉପ ଜିଲ୍ଲାପାଳ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମା ଶଙ୍କର ବେହେରା ଏବଂ ବିଦ୍ୟାଳୟ ଅଧକ୍ଷ ପ୍ରଦୀପ କମାନୁଙ୍କ ବିଶେଷ ଅବଦାନ ରହିଛି। ବୁଧବାର କେଭି ଅଧକ୍ଷ କମାନୁ ଭଞ୍ଜନଗର ବିଧାୟକ ନାୟକଙ୍କୁ ଭେଟି ଏହି ସଫଳତା ପାଇଁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ବିଦ୍ୟାଳୟର ଅନ୍ୟାନ୍ୟ ଉନ୍ନତି ପାଇଁ ସହଯୋଗ କାମନା କରିଛନ୍ତି। ବିଧାୟକ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ର ଏହି ସଫଳତା ପାଇଁ ଭଞ୍ଜନଗର ଏନଏସି ଏମପି ପ୍ରତିନିଧି ସନ୍ତୋଷ ତିଆଡ଼ି, ଲାଲସିଂର ପୂର୍ବତନ ସରପଞ୍ଚ ଲେଲିନ ରାଉତ ଏବଂ ଅଞ୍ଚଳବାସି ବିଧାୟକଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ଭଞ୍ଜନଗର ବିଧାୟକ ନାୟକ ମଧ୍ୟ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।


ଅଧକ୍ଷ ଏବଂ ଅଞ୍ଚଳବାସୀ ବିଧାୟକଙ୍କୁ ଧନ୍ୟବାଦ ଜଣାଉଛନ୍ତି।

**ଚଳିତବର୍ଷ ହେବ ନାମଲେଖା**

### ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣଙ୍କୁ ସମ୍ବର୍ଦ୍ଧନା

ଧରାକୋଟ,୨୧।୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ସରଧାପୁର କ୍ଲଷ୍ଟର କୁସରାବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ ଛାତ୍ରୀଛାତ୍ର ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ପଞ୍ଚମ ଶ୍ରେଣୀର ଛାତ୍ରୀ ଇପ୍ସିତା ଡାକୁଆ ବ୍ଲକସ୍ତରରେ ପ୍ରଥମ, ପଞ୍ଚମ ଶ୍ରେଣୀର ଦେବାଶିଷ ପାଣି ଓ ତୃତୀୟ ଶ୍ରେଣୀର ପ୍ରଗତି ପଟ୍ଟନାୟକ ଯଥାକ୍ରମେ ସପ୍ତମ ଓ ଅଷ୍ଟମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ସିଆରସିସି କିରଣବାଳା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେମାନଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଓ ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ବିଚିତ୍ର ନନ୍ଦ ପୋଲେଇ, ସଞ୍ଜୟ କୁମାର ଡାକୁଆ, ରାଜକୁମାରୀ ନାୟକ, ଶ୍ୱେତପଦ୍ମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ୨ ବାଇକ୍ ମୁହାଁମୁହିଁ, ଜଣେ ଗୁରୁତର

ପାରଳାଖେମୁଣ୍ଡି,୨୧।୧(ଗିରିଧାରୀ ପରିଚ୍ଛା) ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ସାତମାଇଲ ଛକ ନିକଟରେ ବୁଧବାର ୨ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ଆଲୋକ କୁମାର ହୋତା। ପାରଳାଖେମୁଣ୍ଡି ସ୍ଥିତ ଏକ ଘରୋଇ ଫାଇନାନ୍ସ ସଂସ୍ଥାରେ କାମ କରୁଥିବା ଆଲୋକ ବାଇକ ଯୋଗେ ପାରଳାଖେମୁଣ୍ଡିରୁ ଉପଲଡା ଅଭିମୁଖେ ଯାଉଥିଲେ। ସାତମାଇଲ ଛକ ନିକଟରେ ବିପରିତ ଦିଗରୁ ଆସୁଥିବା କରଡାସିଂ ନିକଟର ଗିରିସନ ସିଂଙ୍କ ବୁଲେଟ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ଆଲୋକଙ୍କ ଗୋଡ ହାତରେ ଜୋର ଆଘାତ ଲାଗିଛି । ଗିରିସନ ସାମାନ୍ୟ ଆହତ ହୋଇଥିବାବେଳେ ତାଙ୍କ ବସିଥିବା ଯୁବତୀ ମଧ୍ୟ ଆହତ ହୋଇଛନ୍ତି। ଗୁରୁତର ଆଲୋକଙ୍କୁ ପୋଲିସ କର୍ମଚାରୀମାନେ ଉଦ୍ଧାର କରି ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଛନ୍ତି। ଗୁରାଣ୍ଡି ଥାନା ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଓମ ନାରାୟଣ ପାତ୍ର ସୂଚନା ଦେଇଛନ୍ତି

# କୃଷ୍ଣଛାଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଶେରଗଡ଼,୨୧।୧(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ବ୍ଲକ କୃଷ୍ଣଛାଇ ଗ୍ରାମରେ ଥିବା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ଅରୁଣ କୁମାର ମହାରଣା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଦିବାକର ସାହୁ, ନାରୀ କବି ଜୟଶ୍ରୀ ପଟ୍ଟନାୟକ, ସରପଞ୍ଚ ପ୍ରତିମା ବିଷୋୟୀ, ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସୁଦେବ ମହାନ୍ତି, ସାମାଜିକ କର୍ମୀ ମୋତିରାମ ପ୍ରଧାନ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ଶାଖା ପରିଚାଳକ ଅନନ୍ତ ଚରଣ ଦାସ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠପଢି ନାଁ ରଖିବାକୁ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ସଭାପତି ସୂର୍ଯ୍ୟ କୁମାର ଗୌଡ଼ଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଥିଲେ।

# ରାଇସ ମିଲ ମାଲିକଙ୍କୁ ୩ ବର୍ଷ ଜେଲ

ଶେରଗଡ,୨୧।୧(ସୂର୍ଯ୍ୟ ନାରାୟଣ ଦାଶ) ଶେରଗଡ଼ ଜେଏମ୍‌ଏଫସି କୋର୍ଟ ବୁଧବାର ଜଣେ ରାଇସ ମିଲ ମାଲିକଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେ ହେଲେ ଠୁରୁବୁରେଇ ନିକଟରେ ଥିବା ଲକ୍ଷ୍ମୀ ନୃସିଂହ ରାଇସ ମିଲ ମାଲିକ ବିଜୁଳି ସ୍ୱାଇଁ। ଜେଲ ସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟ ଦୋଷୀ ଅଧିକ ୪ ମାସ ଜେଲ ଭୋଗିବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ୨୦୧୯ରେ ସମବାୟ ସମିତିରୁ ଚୁକ୍ତି ଅନୁଯାୟୀ ମିଲ ମାଲିକ ବିଜୁଳି ଏଫସିଆଇକୁ ଚାଉଳ ଦେଇ ନ ଥିଲେ । ଏ ନେଇ ଶେରଗଡ଼ ଥାନାରେ ଅଭିଯୋଗକ୍ରମେ ନଂ.୧୪୧/୧୯ରେ ମାମଲା ରୁଜୁ ହୋଇଥିଲା । ମାମଲାର ବିଚାର କରି କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରୀ ଓକିଲ ମନୋଜ କୁମାର ବେହେରା ଏହି ମାମଲା ପରିଚାଳନା କରୁଥିଲେ।

# ପୂର୍ବତନ ଜିଲା ବିଜେଡି ସଭାପତିଙ୍କ ବିୟୋଗ

**ବିଭିନ୍ନ ମହଲରେ ଶୋକ**

ପାରଳାଖେମୁଣ୍ଡି,୨୧।୧(ଗିରିଧାରୀ ପରିଚ୍ଛା): ଗଜପତି ଜିଲାର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ଜିଲା ବିଜେଡି ସଭାପତି ବସନ୍ତ ଦାସ(୭୪)ଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ପରିବାର ଲୋକଙ୍କ ସହ ସେ ମଙ୍ଗଳବାର ଭୁବନେଶ୍ୱର ଯାଇଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ଗଜପତି ଜିଲାରେ ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ବ୍ୟକ୍ତ କରାଯାଇଛି। ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଜିଲା ପରିଷଦ ସଭାପତି ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ ପ୍ରମୁଖଙ୍କ ସମେତ ଜିଲାର ସମସ୍ତ ବ୍ଲକ ଅଧକ୍ଷା, ଅଧକ୍ଷ, ସବୁ ବ୍ଲକ ବିଜେଡି ସଭାପତିଙ୍କ ସମେତ ବିଜେଡି ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବସନ୍ତଙ୍କ ମରଶରୀରକୁ ପାରଳାଖେମୁଣ୍ଡି ସ୍ଥିତ ନିଜ ବାସଭବନକୁ ଅଣାଯାଇଥିଲା। ବୁଧବାର ମହେନ୍ଦ୍ରତନୟା ନଦୀ ଶ୍ମଶାନ ଘାଟରେ ଶେଷକୃତ୍ୟ କରାଯାଇଛି। ସେଠାରେ ସବୁ ଦଳର କର୍ମୀ ଓ ନେତାମାନେ ଏବଂ ହାଇଟେକ ଗ୍ରୁପର ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ ଉପସ୍ଥିତ ଥିଲେ। ସ୍ୱର୍ଗତ ଦାସ ଯୁବାଅବସ୍ଥାରୁ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନତା ଦଳରେ ଯୋଗ ଦେଇଥିଲେ। ପେଶାରେ ଆଇନଜୀବୀ ଥିଲେ ମଧ୍ୟ ସମାଜସେବା ତାଙ୍କର ନିଶା ରହିଥିଲା । ବିଜୁ ଜନତା ଦଳ ଗଠନ ପରେ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ କାର୍ଯ୍ୟ ଦେଖି ୩ ଥର ବିଜେଡି ଜିଲା ସଭାପତି ଦାୟିତ୍ୱ ଦେଇଥିଲେ । ସ୍ୱର୍ଗତ ଦାସ ରାଜନେତା ସହ ସମାଜସେବା ଓ କଳା ସଂସ୍କୃତିରେ ମଧ୍ୟ ବେଶ ଖ୍ୟାତି ଅର୍ଜନ କରିଥିଲେ। ସହରର ୨ଟି ସାଂସ୍କୃତିକ ଅନୁଷ୍ଠାନର ସଭାପତି ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କ ସ୍ତ୍ରୀ ଜ୍ୟୋର୍ତିମୟୀ ଦାସ ପାରଳା ପୌରପରିଷଦର ୧୪ ନମ୍ବର ୱାର୍ଡର କାଉନସିଲର ଅଛନ୍ତି।


ବସନ୍ତ ଦାସ

# ଏନ୍‌ଏସ୍‌ଏସ ୟୁନିଟ୍ ପକ୍ଷରୁ ନିଶାମୁକ୍ତ ଅଭିଯାନ

**ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ**

ପାରଳାଖେମୁଣ୍ଡି,୨୧।୧(ଗିରିଧାରୀ ପରିଚ୍ଛା):

ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଅଫ ଟେକ୍ନୋଲୋଜି ଏବଂ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ ପକ୍ଷରୁ ଗୋଷାଣି ବ୍ଲକର ଖରସଣ୍ଡା, ବାର୍ଲଣ୍ଡା ଆଦି ଗ୍ରାମରେ ନିଶା ମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ହୋଇଛି । ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡା. ରାଜଶ୍ରୀ ଜେନାଙ୍କ ସମନ୍ୱୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ର ସ୍ୱେଚ୍ଛାସେବକ ଓ ଗ୍ରାମବାସୀଙ୍କ ଭାଗୀଦାରି ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଏକ ସଚେତନତା ସଭା ହୋଇଥିଲା । ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଦୀପକ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଡ୍ରଗ୍ସ ଇନ୍ସପେକ୍ଟର ସୁପ୍ରିୟା ବେହେରା ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ସଂପ୍ରସାରଣ ଅଧିକାରୀ ମମତା ପାଢ଼ୀ ଯୋଗଦେଇଥିଲେ । ଅତିଥି ମାନେ ମଦ୍ୟ, ତମାଖୁ ଓ ମାଦକ ଦ୍ରବ୍ୟର ଆସକ୍ତି ଦ୍ୱାରା ସୃଷ୍ଟି ହେଉଥିବା ଶାରୀରିକ, ମାନସିକ, ସାମାଜିକ ଓ ଆର୍ଥିକ କୁପ୍ରଭାବ ବିଷୟରେ ଆଲୋଚନା କରିଥିଲେ । ଏନଏସଏସ ସ୍ୱେଚ୍ଛାସେବକମାନଙ୍କ ଦ୍ୱାରା ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ପଥପ୍ରାନ୍ତ ସଚେତନତାମୂଳକ ନାଟକ ପରିବେଷଣ ହୋଇଥିଲା । ଶେଷରେ ନିଶା ମୁକ୍ତ ଅଭିଯାନ ସଚେତନତା ଶୋଭାଯାତ୍ରା ବାହାରି ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା।




### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ମୋହନା,୨୧।୧(ମନ୍ମଥ ମିଶ୍ର): ମୋହନା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆଗାମୀ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇନ୍ଛି। ଉକ୍ତ ଦିବସକୁ କିପରି ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ ସେ ସମ୍ପର୍କରେ ବିଡ଼ିଓ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସାମ୍ବାଦିକ ସଂଘ, ବଣିକ ସଂଘ, ଯୁବକ ସଂଘ, ଓକିଲ ସଂଘ, ସ୍ଥାନୀୟ ଉନ୍ନୟନ ପରିଷଦ, ଶିଶୁ ବିକାଶ ବିଭାଗର କର୍ମକର୍ତ୍ତା ମାନଙ୍କ ସହ ଦିଲ ସେ ଇଣ୍ଡିଆ ସଂଘର ବିଭିନ୍ନ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିପାଇଁ ବିଭିନ୍ନ ବିଭାଗ ପାଇଁ କମିଟି ଗଠନ ହୋଇଥିଲା। ସଦସ୍ୟମାନେ ନିଜ କର୍ତ୍ତବ୍ୟକୁ ସୁଚାରୁରୂପେ ସମ୍ପାଦନା କରିବା ପାଇଁ ମତ ପ୍ରକାଶ ପାଇଥିଲା।ଏହି ବୈଠକରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ସରପଞ୍ଚ ସୁନିତା ମଳିକ, ସମିତି ସଭ୍ୟ ବାଳକୃଷ୍ଣ ମଳିକଙ୍କ ସମେତ ମୋହନା ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# କୁଠାରିଶ୍ୱରୀ ଭଲିବଲ ଟୁର୍ନାମେଣ୍ଟ, ଗୁମ୍ମା ଚାମ୍ପିୟନ

**ଖେଳଅଧାରୁ ଗ୍ୟାଲେରି ଭୁଶୁଡ଼ିଲା**

ପାତ୍ରପୁର,୨୧।୧(ଉମା ଚରଣ ନେପାକ):

ପାତ୍ରପୁର ବ୍ଲକ ପାତ୍ରପୁରଠାରେ ସୀତାରାମ ସେଠୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତ ୧୦ ତାରିଖରୁ ଚାଲିଥିବା ମା’ କୁଠାରିଶ୍ୱରୀ ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ ଗଞ୍ଜାମ ଜିଲା ପାୱାର ସିକ୍ସ ସହିତ ଗଜପତି ଜିଲା ଗୁମା ଟିମ୍ ମଧ୍ୟରେ ହୋଇଥିଲା। ଗୁମ୍ମା ଟିମ୍ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଅତିରିକ୍ତ ଏସପି ଆଲୋକ କୁମାର ଜେନା ଏବଂ ଜରଡା ଥାନା ଅଧିକାରୀ ଟୁନା ସାସମଲ ଯୋଗ ଦେଇଥିବା ବେଳେ ସନ୍ଧ୍ୟାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯାଜପୁର ଜିଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଏମ୍‌ପି ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ବ୍ଲକ ଉପାଧକ୍ଷ ଅନାଦି ଚରଣ ପଣ୍ଡିତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସୀନ ଥିଲେ। ଫାଇନାଲରେ ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ବିଜୟୀ ହୋଇ ତୃତୀୟ ମ୍ୟାଚ ଚାଲିଥିବା ବେଳେ ହଠାତ୍ ଦର୍ଶକରେ ଭରପୁର ଥିବା ଗ୍ୟାଲେରୀ ଭୁଶୁଡି ପଡ଼ିଥିଲା। ଦର୍ଶକମାନେ ହୋହଲ୍ଲା କରି ପଡିଆ ମଧକୁ ଆସି ଯାଇଥିଲେ । କିଛି ସମୟ ପାଇଁ ଖେଳ ବନ୍ଦ କରାଯାଇଥିଲା। ସ୍ଥିତି ଶାନ୍ତ ପଡିବା ପରେ ପୁଣି ଖେଳ ହୋଇଥିଲା। ଚାମ୍ପିୟନ ଗୁମ୍ମା ଦଳକୁ ୪୪,୪୪୪ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ ପାୱାର ସିକ୍ସ ଦଳକୁ ୩୩, ୩୩୩ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅଶୋକ ପଣ୍ଡା, ସମିର ଯାଦବ, ସୁରେଶ ପଟ୍ଟନାୟକ, ଶିବା ଆଚରି, ବିଭୁ ପାତ୍ର, ଫେଲୁ ମହାପାତ୍ର, କିରଣ ଅଧିକାରୀ, ଟୁନା, ନାୟକ, ଦୁର୍ଗା ମହାନ୍ତି, ଶଙ୍କର ବେହେରା ପ୍ରମୁଖଙ୍କ ସମେତ ଗ୍ରାମର ବହୁ ଯୁବଗୋଷ୍ଠୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



